## ସଂକ୍ଷେପରେ

### ବାଲି ଚାଲାଣ ବେଳେ ୭ ଟ୍ରାକ୍ଟର ଜବତ

ଭୋଗରାଇ, ୬।୪(ପ୍ରଦୀପ ଦାସ): ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ବିଭିନ୍ନ ସ୍ଥାନରେ ବେଆଇନ ବାଲି ଉତ୍ତୋଳନ କରାଯାଉଛି। ସୋହରିଆ ଗ୍ରାମର ସରକାରୀ ଜାଗାରେ ବେଧଡକ ଭାବେ ବାଲି ଉତ୍ତୋଳନ କରାଯାଇ ପଶ୍ଚିମବଙ୍ଗକୁ ଟ୍ରାକ୍ଟର ଯୋଗେ ଚାଲାଣ କରାଯାଉଛି। ଗ୍ରାମର ସବୁଜ ପରିବେଶକୁ ନଷ୍ଟ କରାଯାଉଥିବା ଅଭିଯୋଗ ହେଉଛି। ସୋମବାର ଦେଉଳା ଅଞ୍ଚଳରୁ ୭ଟି ଟ୍ରାକ୍ଟର ଯୋଗେ ବାଲି ଚାଲାଣ ହେଉଥିବା ବେଳେ ଭୋଗରାଇ ତହସିଲଦାର ସୂର୍ଯ୍ୟକୁମାର ନାୟକ ଜବତ କରି ଜରିମାନା କରିଛନ୍ତି।

### ବସ୍ତାରେ ନିବେଦିତା ପ୍ଲେ ସ୍କୁଲ ଉଦ୍‌ଘାଟିତ

ଗାନ୍ଧିଛକ, ୬।୪(ଦିଲୀପ ପଣ୍ଡା): ବସ୍ତାଠାରେ ପ୍ରଥମଥର ପାଇଁ ଏକ ଇଂରାଜୀ ମାଧ୍ୟମ 'ସିଷ୍ଟର ନିବେଦିତା ଇଂଲିଶ ମିଡିୟମ ନର୍ସରୀ ଆଣ୍ଡ ପ୍ଲେ ସ୍କୁଲ' ଉଦ୍‌ଘାଟିତ ହୋଇଯାଇଛି। ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଏହି ବିଦ୍ୟାଳୟକୁ ସୋମବାର ବସ୍ତା ବିଡିଓ ମିହିର କୁମାର ବେହେରା ଉଦ୍‌ଘାଟନ କରିଥିଲେ। ପ୍ରିନ୍ସିପାଲ ଶ୍ରୀପତି ଚରଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ସୁଲଗ୍ନା ଯୁକ୍ତ ୨ ବିଜ୍ଞାନ ମହାବିଦ୍ୟାଳୟ ଚେୟାରମ୍ୟାନ ଘନଶ୍ୟାମ ବିଶ୍ୱାଳ ଯୋଗଦେଇ ବସ୍ତାରେ ଏଭଳି ଉଦ୍ୟମକୁ ପ୍ରଶଂସା କରିବା ସହ ୨୪ବର୍ଷ ଧରି ଶିକ୍ଷାର ବିକାଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା ପରିଚାଳନା ପରିଷଦ, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକଙ୍କ ସହଯୋଗରେ ଏହା ବାଲେଶ୍ୱର ଜିଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନରେ ପରିଣତ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ଉପଦେଷ୍ଟା ଶ୍ୟାମାପ୍ରସାଦ ବେହେରା, ମୁଖ୍ୟବକ୍ତା ଇଂଲିଶ ଅଧ୍ୟାପକ ମୟୁଖ ମଣ୍ଡଳ ଛାତ୍ରଛାତ୍ରୀଙ୍କୁ ଇଂଲିଶ ପାଠର ସରଳୀକରଣ ବ୍ୟାଖାନ ଦେଇଥିଲେ। ପୂର୍ବତନ ଏବିଡିଓ ଶଙ୍କର କୁମାର କର, ସମ୍ପାଦକ ରାମଚନ୍ଦ୍ର ଦେବ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମ ବାୟୁସେନାର ପୂର୍ବ ଅଧିକାରୀ ତଥା କୋଷାଧ୍ୟକ୍ଷ ପ୍ରଦୀପ କୁମାର ପରିଡ଼ାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଭାଇସ ପ୍ରିନ୍ସିପାଲ ରଞ୍ଜିତା ପାଢ଼ୀ ସମସ୍ତ ପ୍ରକାର ସୂଚନା ପ୍ରଦାନ କରିଥିଲେ।

### ମନ୍ କୀ ବାତ୍ ଜିଲା ସଂଯୋଜକ ସମ୍ମାନିତ

ବାଲେଶ୍ୱର, ୬।୪(ବାଞ୍ଛାନିଧି ଦେ): ଭାଜପା ରାଜ୍ୟ କାର୍ଯ୍ୟାଳୟରେ ସୋମବାର ଭାଜପା ପ୍ରତିଷ୍ଠା ଦିବସ ପାଳନ ଅବସରରେ ମନ୍ କି ବାତ୍ ବାଲେଶ୍ୱର ଜିଲା ସଂଯୋଜକ କୃଷ୍ଣଚନ୍ଦ୍ର ଦତ୍ତଙ୍କୁ ସମ୍ମାନିତ କରାଯାଇଛି। ଉତ୍ତର ବାଲେଶ୍ୱର ସାଙ୍ଗଠନିକ ଜିଲା ମନ୍ କି ବାତ୍ କାର୍ଯ୍ୟକ୍ରମରେ ଲଗାତର ସମଗ୍ର ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ରାଜ୍ୟ ନେତୃବୃନ୍ଦ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଭାଜପା କେନ୍ଦ୍ରୀୟ ପ୍ରଭାରୀ ବିଜୟ ପାଲ ସିଂ ତୋମର, ରାଜ୍ୟ ପୂର୍ବତନ ସଭାପତି ସମୀର ମହାନ୍ତି, ରାଜ୍ୟ ସଙ୍ଗଠନ ମହାମନ୍ତ୍ରୀ ମାନସ ମହାନ୍ତି, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରମୁଖ ଯୋଗଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସାଙ୍ଗଠନିକ ଜିଲା ସଭାପତି ପ୍ରଦୀପ ପଣ୍ଡାଙ୍କ ସମେତ ମନ କି ବାତ୍‌ର ସମସ୍ତ କୋଅର୍ଡିନେଟର, ବସ୍ତା, ଜଳେଶ୍ୱର ଓ ଭୋଗରାଇର ଭାଜପା ନେତାଙ୍କୁ ଜିଲା ସଭାପତି ଦତ୍ତ ସମସ୍ତ ଶ୍ରେୟ ପ୍ରଦାନ କରିଛନ୍ତି। ଦତ୍ତ ଏବେ ଜିଲା ଉପ ସଭାପତି ଦାୟିତ୍ୱରେ ଅଛନ୍ତି।

# ସମଗ୍ର ବିକାଶକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟ

- ଏଫଏମ୍ ବିଶ୍ୱବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ
- ଅଂଶଗ୍ରହଣ କଲେ ୨୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ

ବାଲେଶ୍ୱର, ୬।୪(ବାଞ୍ଛାନିଧି ଦେ):

'ଅନ୍ତର୍ଜାତୀୟ ଦିବସ- କ୍ରୀଡ଼ା ଦ୍ୱାରା ଉନ୍ନତି ଓ ଶାନ୍ତି' ପାଳନ ଅବସରରେ ସୋମବାର ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୩ତମ ବାର୍ଷିକ କ୍ରୀଡା ମହୋତ୍ସବ ୨୦୨୫-୨୬ ଉଦ୍‌ଘାଟିତ ହୋଇଯାଇଛି। ୪ଦିନ ବ୍ୟାପୀ ଆୟୋଜିତ ଉତ୍ସବରେ ବିଭିନ୍ନ ବିଭାଗର ୨୫୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କ୍ରୀଡ଼ା ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କ୍ରୀଡ଼ା ଦ୍ୱାରା ଜୀବନରେ ଶୃଙ୍ଖଳା, ସହଯୋଗ ଓ ବ୍ୟକ୍ତିତ୍ୱ ବିକାଶ ସମ୍ଭବ ବୋଲି ସେ ବକ୍ତବ୍ୟରେ କହିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଓ କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ କ୍ରୀଡ଼ା ସଂସ୍କୃତିର ଗୁରୁତ୍ୱ ଉପସ୍ଥାପନ କରିଥିଲେ। ଡ଼. ସଚ୍ଚିଦାନନ୍ଦ ସା ସ୍ୱାଗତ ଭାଷଣ ଓ ପ୍ରଗତି ବିବରଣୀ ପତ୍ର ପାଠ କରିଥିଲେ। ପିଇଓ ସଂଗ୍ରାମ କେଶରୀ ବିଶୋଇଙ୍କ ଦ୍ୱାରା ଶପଥପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅରୁଣ କୁମାର ନାୟକ କାର୍ଯ୍ୟକ୍ରମ ସଂଯୋଜନା ଓ ଡ଼. ଅଭୟ ନାୟକ ଧନ୍ୟବାଦ ଦେଇଥିଲେ। ଉଦ୍‌ଘାଟନୀ ଦିବସରେ ପୁରୁଷ ଓ ମହିଳା ବିଭାଗରେ ୩୪ଟି ଆଥଲେଟିକ୍ସ ସହ କ୍ରିକେଟ, ଭଲିବଲ, କବାଡ଼ି, ଚେସ୍, ବ୍ୟାଡମିଣ୍ଟନ, ଟେବୁଲ ଟେନିସ, କ୍ୟାରମ, ଦୌଡ଼, ହାଇଜମ୍ପ, ଲଙ୍ଗଜମ୍ପ, ଶଟପୁଟ, ଡିସ୍କସ ଓ ଜାଭେଲିନ ଥ୍ରୋ ପ୍ରତିଯୋଗିତା ଆୟୋଜିତ ହୋଇଛି। ଛାତ୍ରୀଛାତ୍ରଙ୍କ ଶାରୀରିକ ସୁସ୍ଥତା, କ୍ରୀଡା ସ୍ପୃହା ଓ ସମଗ୍ର ବିକାଶକୁ ପ୍ରୋତ୍ସାହନ ଦେବା ଏହି କ୍ରୀଡା ମହୋତ୍ସବର ଲକ୍ଷ୍ୟ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।


କ୍ରୀଡ଼ା ଉତ୍ସବରେ ଶପଥ ପାଠ କରାଯାଉଛି।

## ଜଗନ୍ନାଥ ମନ୍ଦିରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ



ସ୍ୱଚ୍ଛତା କାର୍ଯ୍ୟକ୍ରମରେ ବିଡିଓଙ୍କ ସମେତ ଅନ୍ୟାନ୍ୟ ସ୍ଥାନୀୟ ଅଧିକାରୀମାନେ।

ବାଲିଆପାଳ, ୬।୪,(ଗୋପାଳ ଚନ୍ଦ୍ର ସାହୁ/ରାଜଶ୍ରୀ ପାଣିଗ୍ରାହୀ): ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକରେ ଓଡ଼ିଆ ପକ୍ଷ ୨୦୨୬ ପାଳନ ଅବସରରେ ସୋମବାର ବ୍ଲକ ପ୍ରଶାସନ ପକ୍ଷରୁ ମଧୁପୁରା ପଞ୍ଚାୟତ ଖଗଡାପାଳ ଗ୍ରାମରେ ଥିବା ଜଗନ୍ନାଥ ମନ୍ଦିରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲିଆପାଳ ବ୍ଲକ ବିଡିଓ ରାଧାରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲିଆପାଳ ବ୍ଲକ ଯୋଗାଣ ଅଧିକାରୀ ବିଷ୍ଣୁପ୍ରସାଦ ମହାରଣା, ଜିପିଓ ପ୍ରିୟବ୍ରତ ଗିରି, ମଧୁପୁରା ସରପଞ୍ଚ ଗୀତାରାଣୀ ମାହାନା, ମଧୁପୁରା ସରପଞ୍ଚଙ୍କ ପ୍ରତିନିଧି ଲମ୍ବୋଦର ମାହାନା, ବାଲିଆପାଳ ବ୍ଲକ ବିପିଏମ ଓ ଏଲଏମ ଉତ୍ତମ କୁମାର ସାହୁଙ୍କ ସହିତ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ଏମବିକେ ଓ ସିଆରପିମାନେ ଯୋଗଦେଇ ଜଗନ୍ନାଥ ମନ୍ଦିର ପରିସରକୁ ସଫେଇ କରିଥିଲେ।

## କାଳବୈଶାଖୀ ପ୍ରଭାବ

### ବଜ୍ରପାତରେ ଜଣେ ଗୁରୁତର, କଦଳୀ ଚାଷ ନଷ୍ଟ


କାଳବୈଶାଖୀ ପ୍ରଭାବରେ କଦଳୀ ଚାଷ କ୍ଷତିଗ୍ରସ୍ତ।

ବାଲିଆପାଳ, ୬।୪(ଗୋପାଳ ଚନ୍ଦ୍ର ସାହୁ):

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକରେ ରବିବାର ଅପରାହ୍ନରେ କାଳ ବୈଶାଖୀର ପ୍ରଭାବରେ ଜୋରରେ ଘଡ଼ଘଡି ସହିତ ପବନ ବର୍ଷା ହୋଇଥିଲା। ଏହି ସମୟରେ ଶ୍ରୀରାମପୁର ପଞ୍ଚାୟତ ଜାମଲା ଗ୍ରାମର ଅଜୟ କୁମାର ଦେ ବାଡ଼ିରେ କାମ କରୁଥିବା ବେଳେ ଅଚାନକ ବଜ୍ରପାତ ହୋଇଥିଲା। ବଜ୍ରପାତରେ ସେ ଗୁରୁତର ଆହତ ହୋଇ ପ୍ରଥମେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ବାଲେଶ୍ୱର ମୁଖ୍ୟହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଜଣାଯାଇଛି। ଏହି କାଳ ବୈଶାଖୀର ପ୍ରଭାବରେ ବିଶେଷକରି କଦଳୀ ଚାଷ କ୍ଷତି ହେଇଥିବା ବେଳେ ପନିପରିବା, ଚିନାବାଦାମ, ମୁଗ, ବିରି, ହାଇଇଲଡିଂ ଧାନ ଚାଷ କ୍ଷତିଗ୍ରସ୍ତ ହୋଇଛି ବୋଲି ଚାଷୀ ଗଗନ କୁମାର ଧଳ, ଅମୂଲ୍ୟ କୁମାର ସେଠୀ, ଦୀନବନ୍ଧୁ ମାଝି, ଲକ୍ଷ୍ମୀପ୍ରିୟା ଦଳାଇ, ମୁରାରୀମୋହନ ସାହୁ, ପୁରୁଷୋତ୍ତମ ବେହେରା, ମଦନମୋହନ ଗୋଛାୟତ ଓ ସର୍ବେଶ୍ୱର ମାହାଳିକ ପ୍ରମୁଖ ଚାଷୀ କହିଛନ୍ତି।

### କୁଆପଥର ମାଡ଼ରେ ଭାଙ୍ଗିଲା ଘର

ଔପଦା, ୬।୪(ଧରିତ୍ରୀ ପଣ୍ଡା):

ଔପଦା ଅଞ୍ଚଳର କାଳବୈଶାଖୀ ପ୍ରଭାବରେ ଜୋର ପବନ ବହିବା ସହ ବର୍ଷା ଓ କୁଆପଥର ମାଡ଼ ହେବାରୁ ବିଭିନ୍ନ ସ୍ଥାନରେ କ୍ଷତି ଘଟିଛି। ଅପରାହ୍ନ ପ୍ରାୟ ୪ଟାରେ ହଠାତ୍ ଆକାଶରେ କଳା ବାଦଲ ଘୋଟି ଆସି ଜୋରରେ ପବନ ବହିବା ସଙ୍ଗେ ବର୍ଷା ସହିତ କୁଆପଥର ମାଡ଼ ହୋଇଥିଲା। ଜୋର ପବନ ବହିବାରୁ ବିଭିନ୍ନ ସ୍ଥାନରେ ଛୋଟ ବଡ଼ ଗଛର ଡାଳ ଭାଙ୍ଗିବା ସହ ଗଛରେ ହୋଇଥିବା ଆମ୍ବ ଓ ତେନ୍ତୁଳି ତଳେ ପଡି କ୍ଷତି ହୋଇଛି। ବର୍ଷା ପବନରେ ଅଘିରାପଦା ପଞ୍ଚାୟତ ଚିଞ୍ଚଡା ଗ୍ରାମର ଶ୍ରୀକାନ୍ତ ମହାନ୍ତିଙ୍କ ଗୁହାଳ ଘରର ଛପର ଉଡିଯାଇଥିବା ଜଣାଯାଇଛି । ଅଦିନିଆ ଝଡ଼ବର୍ଷା ଓ କୁଆପଥର ପାଇଁ ଔପଦା ଅଞ୍ଚଳର ବିଭିନ୍ନ ସ୍ଥାନରେ ହୋଇଥିବା ପରିବା ଚାଷରେ ବ୍ୟାପକ କ୍ଷତି ଘଟିଥିବାରୁ ଚାଷୀମାନେ ଭାଙ୍ଗି ପଡିଛନ୍ତି।


ଭାଙ୍ଗିଯାଇଥିବା ଗୁହାଳ ଘର।

## ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ଉଦ୍ୟମ

### ୨ ଅଭିଯୁକ୍ତ ଗିରଫ

ଜଳେଶ୍ୱର, ୬।୪(ନବୀନ ସାହୁ):

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରି କାଜୁ ଜଙ୍ଗଲରେ ବଳାତ୍କାର ଉଦ୍ୟମ କରାଯାଇଥିବା ଘଟଣା ସାମ୍ନାକୁ ଆସିଛି। ଏହି ମାମଲାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି।

ଗତ ୨ ତାରିଖ ଅପରାହ୍ନ ପ୍ରାୟ ୨ଟା ବେଳେ ପୀଡ଼ିତା ନାବାଳିକା ହାତୀଗଡ ବସ୍‌ଷ୍ଟାଣ୍ଡରେ ଓହ୍ଲାଇ ନିଜ ମାଉସୀ ଘର କବାଟଘାଟି ଗ୍ରାମକୁ ଚାଲି ଚାଲି ଯାଉଥିଲେ। ହାତୀଗଡ଼ ଇଲେକ୍ଟ୍ରିଅଫିସ ନିକଟରେ ୨ଜଣ ଯୁବକ ହଠାତ୍ ପଛପଟୁ ଆସି ନାବାଳିକାଙ୍କ ପାଟି ଚାପି ଧରିଥିଲେ ଓ ଜବରଦସ୍ତ ନିକଟସ୍ଥ କାଜୁ ଜଙ୍ଗଲକୁ ଟାଣି ନେଇଥିଲେ। ସେଠାରେ ଅଭିଯୁକ୍ତମାନେ ତାଙ୍କୁ ବଳାତ୍କାର କରିବାକୁ ଚେଷ୍ଟା କରିଥିଲେ। ନାବାଳିକା ଜଣକ ଚିତ୍କାର କରିବାରୁ ନିକଟସ୍ଥ ଘରୁ ଜଣେ ମହିଳା ବାହାରକୁ ଆସିଥିଲେ। ତାଙ୍କୁ ଦେଖି ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଅଭିଯୁକ୍ତ ୨ଯୁବକ ଗହିରାବନ୍ଧ ଗ୍ରାମର ବୋଲି ଚିହ୍ନଟ ହୋଇଛନ୍ତି। ଭୟଭୀତ ଅବସ୍ଥାରେ ଥିବା ପୀଡ଼ିତା ୫ ତାରିଖ ସନ୍ଧ୍ୟାରେ ରାଇବଣିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାରେ ମାମଲା(ନଂ.୫୫/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ୫ ହୋଟେଲ ଉପରେ ଚଢ଼ାଉ

### ଜଣେ ଅଟକ: ସିଲିଣ୍ଡର, ମଦ ଜବତ

ଖଇରା, ୬।୪(ଉତ୍କଳବନ୍ଧୁ ପଣ୍ଡା):

ସୋମବାର ଯୋଗାଣ, ରାଜସ୍ୱ, ଅବକାରୀ ଓ ଘରୋଇ ବିଭାଗକୁ ନେଇ ଗଠିତ ବ୍ଲକସ୍ତରୀୟ ଅତ୍ୟାବଶ୍ୟକ ମନିଟରିଂ କମିଟି ପକ୍ଷରୁ ୫ଟି ହୋଟେଲ ଉପରେ ଚଢ଼ାଉ କରାଯାଇ ବେଆଇନ ଭାବେ ବ୍ୟବହୃତ ସିଲିଣ୍ଡର ଓ ମଦ ଜବତ କରାଯିବା ସହ ଜଣଙ୍କୁ ଅଟକ ରଖାଯାଇଛି। ପ୍ରଥମେ ଅଧିକାରୀମାନଙ୍କ ତରଫରୁ ପ୍ରଶାନ୍ତି ହୋଟେଲ ଉପରେ ଚଢ଼ାଉ କରାଯାଇ ୩ଟି ଘରୋଇ ସିଲିଣ୍ଡର ଓ ମଦ ଜବତ କରାଯାଇଥିଲା। ପରେ ଲକ୍ଷ୍ମୀପ୍ରିୟା ହୋଟେଲରୁ ଗୋଟିଏ ଘରୋଇ ସିଲିଣ୍ଡର, ଏଫଏଫସିରୁ ୫ଟି ଘରୋଇ ସିଲିଣ୍ଡର, ସ୍ୱାଇସ ଅପରୁ ୨ଟି କମର୍ସିଆଲ ଓ କନକ ଦୁର୍ଗାରୁ ଗୋଟିଏ କମର୍ସିଆଲ ସିଲିଣ୍ଡର ଓ କିଛି ପରିମାଣର ମଦ ଜବତ କରାଯାଇଛି। ଜବତ ମଦର ପରିମାଣ ୫ହଜାର ହେବ ବୋଲି କୁହାଯାଉଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ମନିଟରିଂ କମିଟି ଅଧ୍ୟକ୍ଷ ଖଇରା ତହସିଲଦାର ଅମିତ ରଞ୍ଜନ ହୋତାଙ୍କ ନେତୃତ୍ୱରେ ଚଢାଉ କରାଯାଇଥିବା ଯୋଗାଣ ନିରୀକ୍ଷିକା ସୁଭାଷିନୀ ସାହୁ, ଅବକାରୀ ଏସ୍‌ଆଇ ପ୍ରହ୍ଲାଦ ସାମଲ, ଅତିରିକ୍ତ ତହସିଲଦାର ସଞ୍ଜିବ ପାତ୍ରଙ୍କ ସମେତ ଖଇରା ପୋଲିସ କର୍ମଚାରୀ ସାମିଲ ଥିଲେ। ଏହି ଚଢାଉ ଆଗାମୀ ଦିନରେ ଜାରି ରହିବ ବୋଲି କମିଟି ପ୍ରକାଶ କରିଛି।

# ଜିଲା ପ୍ରଶାସନ ପକ୍ଷରୁ ଇଟାଭାଟି ଉପରେ ଚଢ଼ାଉ

ବାଲେଶ୍ୱର, ୬।୪ (ମୃତ୍ୟୁଞ୍ଜୟ ପଟ୍ଟନାୟକ):

ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ସୋମବାର ରେମୁଣା ଓ ସଦର ତହସିଲ ଅଧୀନରେ ଚାଲିଥିବା ୨ ବେଆଇନ ଇଟାଭାଟିକୁ ଭାଙ୍ଗି ଦିଆଯାଇଛି। ରେମୁଣା ତହସିଲ ହରିପୁର ବେଗୁନିଆ ମୌଜାରେ ଚାଲିଥିବା ଗୋଲ୍ଡ ଇଟାଭାଟି ଏବଂ ସଦର ତହସିଲର କାଳିପୁର ମୌଜାରେ ଚାଲିଥିବା ଷ୍ଟିଲ ଇଟାଭାଟି ଉପରେ ବାଲେଶ୍ୱର ଉପଜିଲାପାଳଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ସୋମବାର ପୂର୍ବାହ୍ନ ସାଢେ ୧୧ଟାରେ ଉପଜିଲାପାଳ ଶିବ ମାଲବୀୟ, ରେମୁଣା ତହସିଲଦାର ଭର୍ତ୍ତୃହରି ଭୂୟାଁ, ସଦର ତହସିଲଦାର ଦେବୀପ୍ରସନ୍ନ ସାରସ୍ୱତଙ୍କ ସମେତ ଅଗ୍ନିଶମ ବାହିନୀ ଓ ସହଦେବଖୁଣ୍ଟା ପୋଲିସ ମିଳିତ ହୋଇ ଏହି ଦୁଇ ଇଟାଭାଟି ଉପରେ ଚଢାଉ କରିଥିଲେ। ଏହି ୨ଟି ଭାଟିରେ ପ୍ରାୟ ୧ଲକ୍ଷ କଞ୍ଚା ଇଟା ଏବଂ ଗୋଟିଏ ଇଟାଭାଟିକୁ ଅଧିକାରୀମାନେ ଜେସିବି ଦ୍ୱାରା ଭାଙ୍ଗି ଦେଇଥିଲେ। ଏହି ଇଟାଭାଟି ଭଙ୍ଗାଯିବା ସମ୍ପର୍କରେ ଉପଜିଲାପାଳ ମାଲବୀୟ କହିଛନ୍ତି, ଜିଲାରେ ଯେଉଁ ସ୍ଥାନରେ ଚିମିନି ଭାଟିରେ ଇଟା ପ୍ରସ୍ତୁତ ହେଉଥିବ, ଆଗାମୀ ଦିନରେ ସେସବୁ ଇଟାଭାଟି ବିରୋଧରେ ପ୍ରଶାସନ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


ସୋମବାର-ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଜେସିବି ଦ୍ୱାରା ଭଙ୍ଗାଯାଉଛି ଇଟାଭାଟି।

### ବେଆଇନ ମାଙ୍କଡା ପଥର ଖାଦାନ ଉପରେ ଚଢ଼ାଉ

### ୨ ପାୱାରଟିଲର ଜବତ, ୩ ଅଟକ

ଖଇରା, ୬।୪(ଉତ୍କଳବନ୍ଧୁ ପଣ୍ଡା):

ନୀଳଗିରି ଏସ୍‌ଡିପିଓ ପ୍ରମୋଦ ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ବାଲେଶ୍ୱର ଜିଲା ଖଇରା କ୍ଷେତ୍ର ଅଧୀନ ସଇଁ ଅଞ୍ଚଳରେ ରବିବାର ରାତିରେ ଚଢାଉ କରି ୨ଟି ପାୱାର ଟିଲର ଜବତ କରିବା ସହ ୩ଜଣଙ୍କୁ ଅଟକ ରଖିଛି। ଖଇରା ଆଇଆଇସି ଜନ ପଟ୍ଟନାୟକ ଏହି ଚଢ଼ାଉରେ ସାମିଲ ହୋଇଥିଲେ। କୁପାରୀ ଓ ବର୍ତ୍ତନା ରାଜସ୍ୱ କ୍ଷେତ୍ରରେ ବେଆଇନ ଭାବେ ମାଙ୍କଡା ପଥର ଚୋରାଚାଲାଣ କରାଯାଉଥିବା ନେଇ ଅଭିଯୋଗ ହୋଇଆସୁଥିଲା।

## କଲେଜ ଛାତ୍ରୀଙ୍କ ଦ୍ୱାରା ଓଡ଼ିଆ ଦିବସ ପାଳିତ



ସ୍ୱଚ୍ଛତା କାର୍ଯ୍ୟକ୍ରମରେ କଲେଜ ଅଧ୍ୟାପକଙ୍କ ସହ ଛାତ୍ରୀମାନେ।

ଲଙ୍ଗଳେଶ୍ୱର, ୬।୪(କମଳାକାନ୍ତ ଦାସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଲିସ୍ଥିତ କମଳ କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଓଡ଼ିଆ ଦିବସ ଅବସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ସୋମବାର ପାଳନ କରାଯାଇଛି। ଏହି ଅବସରରେ କଲେଜ ପରିସର, ପଞ୍ଚୁପାଲିସ୍ଥିତ ମନ୍ଦିର, ଆୟୁଷ ହସ୍ପିଟାଲ, ରାଜସ୍ୱ ନିରୀକ୍ଷକଙ୍କ ଅଫିସ ସାମ୍ନାରେ ଛାତ୍ରମାନେ ସଫେଇ କରିଥିଲେ। କଲେଜ ଅଧ୍ୟାପକ ଡକ୍ଟର ଲକ୍ଷ୍ମୀକାନ୍ତ ପାତ୍ର, ସୁଧିର କୁମାର ନନ୍ଦ, କୃଷ୍ଣାନନ୍ଦ ପାତ୍ର, ବନମାଳୀ ପରିଡା, ଚନ୍ଦନ କୁମାର ନନ୍ଦ, ଅଧ୍ୟାପିକା ସୁପ୍ରିୟା ପରିଡା, ସରୋଜିନୀ ପରିଡା, ସବିତା ସାହୁ ଓ ବୁଦ୍ଧିମଣି ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଆ ପକ୍ଷ ପାଳନ ଅବସରରେ ବିଶାଳ ଗଣଦୌଡ଼

ବାଲେଶ୍ୱର, ୬।୪ (ମୃତ୍ୟୁଞ୍ଜୟ ପଟ୍ଟନାୟକ):

ଓଡ଼ିଆ ପକ୍ଷ ପାଳନ ଅବସରରେ ରବିବାର ବାଲେଶ୍ୱର ସହରର ଶାନ୍ତିକାନନଠାରେ ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଗଣଦୌଡ ଅନୁଷ୍ଠିତ ହୋଇଥିଲା। ସହରର ବିଭିନ୍ନ ବର୍ଗର ଲୋକମାନେ ଏଥିରେ ଭାଗ ନେଇଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାରୀ ଦଳର ଉପ ମୁଖ୍ୟସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ, ଅତିରିକ୍ତ ଜିଲାପାଳ ସୁଧାକର ନାଏକ, ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲା ସଂସ୍କୃତି ଅଧିକାରିଣୀ ମନସ୍ୱିନୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ମୁଖ୍ୟଅତିଥି ଦାସ ସବୁଜ ପତାକା ଦେଖାଇ ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। ଏହା ମଲ୍ଲିକାଶପୁରସ୍ଥିତ ଶାନ୍ତିକାନନ ପରିସରରୁ ଆରମ୍ଭହୋଇ ଫକୀର ମୋହନ ମହାବିଦ୍ୟାଳୟ ରାସ୍ତା, ସିନେମା ଛକ ଓ ଗଡ଼ଗଡ଼ିଆ ଛକ ଦେଇ ପୁନର୍ବାର ଶାନ୍ତି କାନନରେ ଆସି ପହଞ୍ଚିଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଯୁବଗୋଷ୍ଠୀ ଏବଂ ସାଧାରଣ ନାଗରିକଙ୍କୁ ମିଶାଇ ପାଖାପାଖି ୫ଶହରୁ ଊର୍ଦ୍ଧ୍ୱ ଜନସାଧାରଣ ଅଂଶଗ୍ରହଣ କରିଥିଲେ। ଓଡ଼ିଆ ଅସ୍ମିତା ଓ ଐତିହ୍ୟର ବାର୍ତ୍ତା ବାଣ୍ଟିବା ସହିତ ଶାରୀରିକ ସୁସ୍ଥତା ପ୍ରତି ସଚେତନତା ସୃଷ୍ଟି କରିବା ଏହି ଆୟୋଜନର ମୁଖ୍ୟ ଲକ୍ଷ୍ୟ ଥିଲା।



ଗଣଦୌଡ଼ରେ ସହରର ବିଭିନ୍ନ ବର୍ଗର ଲୋକ।

# ବାଲେଶ୍ୱରରେ ବାଣିଜ୍ୟିକ ଅଦାଲତ ଉଦ୍‌ଘାଟିତ

ବାଲେଶ୍ୱର, ୬।୪ (ମୃତ୍ୟୁଞ୍ଜୟ ପଟ୍ଟନାୟକ):

ବାଲେଶ୍ୱର ସିଭିଲ କୋର୍ଟ କମ୍ପ୍ଲେକ୍ସ ପରିସରରେ ନବନିର୍ମିତ ବାଣିଜ୍ୟିକ ଅଦାଲତ ଗୃହକୁ ସୋମବାର ଆଭାସୀ ଜରିଆରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ବେଳେ ମୁଖ୍ୟ ବିଚାରପତିଙ୍କ ସହିତ ଉଚ୍ଚ ନ୍ୟାୟାଳୟର ବିଚାରପତି ବିଭୁ ପ୍ରସାଦ ରାଉତରାୟ ଏବଂ ଅନ୍ୟ ବିଚାରପତିମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବାଣିଜ୍ୟିକ ଅଦାଲତ ସମ୍ମୁଖରେ ଏକ ସଭା ହୋଇଥିଲା। ଆଭାସୀ ମାଧ୍ୟମରେ ମୁଖ୍ୟ ବିଚାରପତି ଏହି ସଭା ସହିତ ଯୋଡି ହୋଇଥିଲେ। ଉଦ୍‌ଘାଟନୀ ସଭାରେ ଜିଲା ଦୌରାଜଜ୍ ସତ୍ୟନାରାୟଣ ମିଶ୍ର ଓ ଅତିରିକ୍ତ ଜିଲାପାଳ ସୁଧାକର ନାଏକଙ୍କ ସମେତ ଜିଲା ବିଚାର ବିଭଗର ବିଚାରପତି ଏବଂ ଆଇନଜୀବୀମାନେ ଉପସ୍ଥିତ ଥିଲେ। ଏହି ବାଣିଜ୍ୟିକ ଅଦାଲତ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ କେଉଁଝର ଜିଲା ପାଇଁ ପ୍ରଭାବଶାଳୀ ବାଣିଜ୍ୟିକ ନ୍ୟାୟ ପ୍ରଦାନ କରିବ। ଏହି ୪ଟି କ୍ଲଷ୍ଟର ଜିଲାରୁ ବାଣିଜ୍ୟିକ ବିବାଦ ଭାବରେ ବିଭିନ୍ନ ବର୍ଗର ୧୮୩୧ଟି ମାମଲା ଚିହ୍ନଟ କରାଯାଇ ନୂତନ ବାଣିଜ୍ୟିକ ଅଦାଲତକୁ ସ୍ଥାନାନ୍ତର କରାଯାଇଛି। ଯେଉଁଥିରେ ବାଲେଶ୍ୱର ଜଜଶିପ୍‌ରୁ ୬୭୫ ମାମଲା ସ୍ଥାନାନ୍ତରିତ ହୋଇଛି। ମୟୂରଭଞ୍ଜ ଜଜଶିପ୍‌ରୁ ୧୭୫ ମାମଲା, ଭଦ୍ରକ ଜଜଶିପ୍‌ରୁ ୩୭୪ ମାମଲା ଓ କେନ୍ଦୁଝର ଜଜଶିପ୍‌ରୁ ୬୦୭ ମାମଲା ସ୍ଥାନାନ୍ତରିତ ହୋଇଛି। ଉଦ୍‌ଘାଟନୀ ଉତ୍ସବକୁ ଅଦାଲତର ରେଜିଷ୍ଟ୍ରାର ସୀତିକାନ୍ତ ପ୍ରଧାନ ପରିଚାଳନା କରିଥିଲେ। ଅଦାଲତର ମୁଖ୍ୟ ପ୍ରଶାସନିକ ଅଧିକାରୀ ମଳୟ କୁମାର ରାଉତ ଓ କୋର୍ଟ ମ୍ୟାନେଜର ପ୍ରିୟଙ୍କା ମିଶ୍ର ସହଯୋଗ କରିଥିଲେ।


ଉଦ୍‌ଘାଟନୀ ସଭାରେ ଜିଲା ବିଚାର ବିଭାଗର ବିଚାରପତି ଓ ଆଇଜୀବୀଗଣ।

**ସଂକ୍ଷେପରେ**

## ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ

ଯୋଡ଼ା,୬।୪(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ବଳଦା ପଞ୍ଚାୟତର ତାଡ଼ପାଣି ଗାଁରେ ରବିବାର ରାତିରେ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ ହୋଇଛି। ଗାଡ଼ିରୁ ୪ ଗୋରୁ ଉଦ୍ଧାର ହୋଇଥିବା ଜଣାପଡ଼ିଛି। ବନ ବିଭାଗର ଏକ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ଗାଡ଼ି ଦେଖି ଚୋରା କାଠ ବେପାରୀ ସନ୍ଦେହରେ ଅଟକାଇଥିଲେ। ଗାଡ଼ି ଚାଳକଙ୍କ ସହ, ଗାଡ଼ିରେ ଥିବା ଗୋମାଫିଆ ଫେରାର୍ ହୋଇଯାଇଥିଲେ। ପିକଅପ୍ ଭ୍ୟାନ୍ ଭିତରେ ୪ଟି ଗୋରୁ ଥିବା ଦେଖି ବନ ବିଭାଗର କର୍ମଚାରୀ ବାମେବାରୀ ଥାନାକୁ ଖବର ଦେଇଥିଲେ। ବାମେବାରୀ ପୋଲିସ ପହଞ୍ଚି ୪ଟି ଗୋରୁ ଉଦ୍ଧାର କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଜବତ୍ ପିକ୍‌ଅପ୍ ଗାଡ଼ି, ସୁନ୍ଦରଗଡ଼ ଜିଲା କୋଇଡ଼ା ଅଞ୍ଚଳରୁ ଆସିଥିବା ବେଳେ, ଗାଡ଼ିରେ ନ କଲି ନମ୍ବର ପ୍ଲେଟ୍ ଲାଗିଥିବା ଜଣାପଡ଼ିଛି। ଉଦ୍ଧାର ଗୋରୁ ସ୍ଥାନୀୟ ଗୋ ସେବକଙ୍କ ଜିମା ଦିଆଯାଇଥିବା ବାମେବରି ଆଇଆଇସି ଯଶକେତନ ଭୋଇ କହିଛନ୍ତି।

## ଆଜିଠାରୁ ଆନନ୍ଦପୁର ମହୋତ୍ସବ

ବଉଳା,୬।୪(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ଆନନ୍ଦପୁରର ଉପଖଣ୍ଡସ୍ତରୀୟ ମହୋତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହେବ। ଏ ନେଇ ପ୍ରଶାସନ ମହୋତ୍ସବ କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା ସରିଥିବା ବେଳେ ଆନନ୍ଦପୁର ଷ୍ଟାଡ଼ିୟମ ପଡ଼ିଆ ସଜେଇ ହୋଇଛି। ରବିବାର ବିଭିନ୍ନ ଦେବାଳୟରେ ପୂଜାର୍ଚ୍ଚନା କରାଯାଇଥିଲା। ମହୋତ୍ସବ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବା ନେଇ ସୂଚନା ମିଳିଛି। ପ୍ରତ୍ୟେକ ଦିନ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଅତିଥିଭାବେ ଯୋଗଦୋବର କାର୍ଯ୍ୟକ୍ରମ ରହିଛି। ସବୁଦିନ ସନ୍ଧ୍ୟାରେ ଓଡ଼ିଶାର ସୁନାମ ଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉପଖଣ୍ଡର ସମସ୍ତ ବୁଦ୍ଧିଜିବି, ଶିକ୍ଷାବିତ୍, ବରିଷ୍ଠ ବ୍ୟାକ୍ତି ସହଯୋଗ କରିବା ସହିତ ବହୁ ସଂଖ୍ୟାରେ ବିଭିନ୍ନ ଅଞ୍ଚଳରୁ ଲୋକେ ଯୋଗଦେବାକୁ କମିଟି ପକ୍ଷରୁ କୁହାଯାଇଛି।

## ଜିମ୍ ପ୍ରଶିକ୍ଷକଙ୍କ ସ୍ମୃତିରେ ପ୍ରତିଯୋଗିତା

ବଉଳା,୬।୪(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଛେନାପଦି ଛକରେ ଥିବା ଜିମ୍ ପ୍ରଶିକ୍ଷକ ସ୍ୱର୍ଗତ ସୁରଜ ବିଶ୍ୱାଳଙ୍କ ସ୍ମୃତିସଭା ସହିତ ଜିଲାସ୍ତରୀୟ ଓପନ୍ ବେଞ୍ଚ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଖେଳକୁ ଛେନାପଦି ବଡି ଫିଟ୍‌ନେସ୍ ଜୋନ୍ ପକ୍ଷରୁ ଆୟୋଜନ କରାଯାଇଥିବା ବେଳେ ଏଥିରେ ପୁରୁଷ ବର୍ଗରେ ଯାଜପୁର ଜିଲାର ସତ୍ୟଜିତ୍ ସାହୁ ଓ ମହିଳା ବର୍ଗରେ ଶକ୍ତି ଶିବାନୀ ଶର୍ମା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଜଜ୍ ଭାବେ ମାଷ୍ଟର ଅକ୍ଷୟ ବେହେରା, ଆୟୁଷ ଅଂଶୁମାନ ବାରିକ, ହିତେସ୍ ସାହୁ, ରାକେଶ ନାୟକ, ରୋସନ ମୁଖି, ବିଭୁତି ଭୁଷଣ ଜେନା ରହିଥିଲେ। ମୁଖ୍ୟ ଅତିଥିଭାବେ ସୁଧାକର ଓଝା, ଦେବୁ ରଞ୍ଜନ ତ୍ରିପାଠୀ, ଚଗୁଲ ସାହୁ, ଖବରଦାତା ଗୋପାଳ ରାଉତ ଉପସ୍ଥିତ ଥିଲେ। ପ୍ରଦ୍ୟୁମ୍ନ ଜେନା, ଚନ୍ଦନ ସାହୁ, ବଳରାମ ସାହୁ, ପ୍ରୀତି ରଞ୍ଜନ ସ୍ୱାଇଁଙ୍କ ସମସ୍ତ ଜିମ୍ ପ୍ରଶିକ୍ଷକ ସହଯୋଗ କରିଥିଲେ।

## ଭାରତ ହ୍ୟାଣ୍ଡ୍‌ବଲ ଦଳକୁ ବ୍ରୋଞ୍ଜ ପଦକ

### ରାଜାରାମଙ୍କ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ

କେନ୍ଦୁଝର,୬।୪(ନରେଶ ଚନ୍ଦ୍ର ପଟ୍ଟନାୟକ): ଉଜବେକିସ୍ତାନର ତାସକେଣ୍ଟଠାରେ ମାର୍ଚ୍ଚ ୩୧ରୁ ଆରମ୍ଭ ହୋଇଥିବା ସେଣ୍ଟରାଲ ଏସିଆ ହ୍ୟାଣ୍ଡବଲ ଚାମ୍ପିୟନଶିପରେ ଭାରତୀୟ ଦଳ ଉଚ୍ଚକୋଟୀର ଖେଳପ୍ରଦର୍ଶନ କରି ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ହାସଲ କରିଛି। ୧୦ଟି ଦେଶ ଭାଗ ନେଇଥିବା ବେଳେ ଭାରତ ସେମିଫାଇନାଲରେ ଘରୋଇ ଦଳ ଉଜବେକିସ୍ତାନଠାରୁ ହାରିଥିଲା। ପଦକ ପାଇଁ କାଜାକିସ୍ଥାନ ସହ ଭଲ ଖେଳପ୍ରଦର୍ଶନ କରି ୩ଟି ଗୋଲରେ ଜିତି ବ୍ରୋଞ୍ଜ ପଦକ ହାସଲ କରିଛି। ଭାରତୀୟ ଦଳରେ ଓଡ଼ିଶା ତଥା କେନ୍ଦୁଝରର ଖେଳାଳୀ ରାଜାରାମ ପଣ୍ଡା ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ୬ଟି ମ୍ୟାଚ୍‌ରେ ସର୍ବାଧିକ ୨୯ଟି ଗୋଲ କରିଥିଲେ। ଭାରତୀୟ ହ୍ୟାଣ୍ଡବଲ ସଂଘ ତଥା ରାଜ୍ୟ ସଂଘର କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।

# ସଂରକ୍ଷିତ ଜଙ୍ଗଲରେ ବିନା ଅନୁମତିରେ ରାସ୍ତା ନିର୍ମାଣ

କେନ୍ଦୁଝର,୬।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ୍ ଶଙ୍କିରୀ ପଞ୍ଚାୟତ ଅନ୍ତର୍ଗତ ମଥୁରାମଣ୍ଡଳୀ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ବିନା ଅନୁମତିରେ ରାସ୍ତା ନିର୍ମାଣ ହେଉଥିବା ଅଭିଯୋଗ ହୋଇଛି। ସୂଚନା ଫଳକ ଲାଗି ନ ଥିବାରୁ ସର୍ବିଶେଷ ସୂଚନା ମିଳୁ ନ ଥିବା ବେଳେ ନିମ୍ନମାନର କାମ ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ସୂଚନା ଫଳକ ନ ଥାଇ କିପରି କାମ ହେଉଛି ତଦନ୍ତ କରିବାକୁ ଲୋକେ କହିଛନ୍ତି।

ପ୍ରକାଶ ଯେ, କେନ୍ଦୁଝର ସଦର ବ୍ଲକ୍ ଶଙ୍କିରୀ ପଞ୍ଚାୟତ ଅନ୍ତର୍ଗତ ମଥୁରାମଣ୍ଡଳୀଠାରୁ ପୋଟଳ ମୁଣ୍ଡାସାହି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାମ ଚାଲିଛି। ପ୍ରାୟ ୪୦୦ମିଟର ରାସ୍ତାକୁ ପେଭର ବ୍ଲକ୍ ପକାଯାଇ ନୂତନ ରାସ୍ତା କରାଯାଇଛି। ତେବେ ରାସ୍ତାରେ ସୂଚନା ଫଳକ ନ ଥିବାରୁ କେଉଁ ଅନୁଦାନ ଅର୍ଥରେ ନିର୍ମାଣ କରାଯାଇଛି ଓ କେଉଁ ବିଭାଗ କରୁଛି ତାହାର ତଥ୍ୟ ମିଳୁନାହିଁ। ପୂର୍ବରୁ ଉକ୍ତ ରାସ୍ତା କଂକ୍ରିଟ ରାସ୍ତା ଥିଲା। ରାସ୍ତାଟି ଗମନାଗମନ ଉପଯୋଗୀ ରହିଥିଲେ ହେଁ କଂକ୍ରିଟ୍ ଉପରେ ପେଭର ବ୍ଲକ୍ ବିଛା ଯାଉଛି। ପୂର୍ବରୁ କଂକ୍ରିଟ୍ ରାସ୍ତା ଥିବା ବେଳେ ୨ଟି ଗାଡ଼ି ଅନାୟସରେ ଯିବା ଆସିବା କରୁଥିଲା। ଏବେ ପେଭର ବ୍ଲକ୍ ପକାଯିବା ଫଳରେ ରାସ୍ତା ଅଣଓସରିଆ ହୋଇପଡ଼ିଛି। ପେଭର ବ୍ଲକ୍‌ର ଉଭୟ ପାର୍ଶ୍ୱରେ କମ ମାଟି ପଡ଼ିଥିବାରୁ ୨ଟି ଗାଡ଼ି ଯିବା ଆସିବାରେ ଅସୁବିଧା ହେଉଛି ବୋଲି ସ୍ଥାନୀୟ ଲୋକ କହୁଛନ୍ତି। ସେହିପରି ନିମ୍ନମାନର ପେଭର ବ୍ଲକ୍ ବ୍ୟବହାର ହୋଇଥିବାରୁ ରାସ୍ତାର ସ୍ଥାୟିତ୍ୱକୁ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ କରୁଛନ୍ତି। ବିଶେଷ କରି ସଦର ରେଞ୍ଜ ବେଲଦା ବିଟ୍ ଅନ୍ତର୍ଗତ ବେଲଦା ସଂରକ୍ଷିତ ଜଙ୍ଗଲ ଜମିରେ ଏହି ନୂତନ ରାସ୍ତା ନିର୍ମାଣ ହୋଇଥିଲେ ହେଁ ବନ ବିଭାଗର ବିନା ଅନୁମତିରେ ନିର୍ମାଣ କରାଯାଇଛି। ସଦର ରେଞ୍ଜ ଅଧିକାରୀ ଅଜିତ ଦାସ କହିଛନ୍ତି, ସଂରକ୍ଷିତ ଜଙ୍ଗଲ ଦେଇ ରାସ୍ତା ନିର୍ମାଣ କଲେ ଅନୁମତି ନେବା ଜରୁରୀ। ଏ ନେଇ ପଦକ୍ଷେପ ନିଆଯିବ। ଯଦି ଅନୁମତି ନେଇ ନ ଥିବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


ନିର୍ମାଣାଧୀନ ରାସ୍ତା।

## ଜଙ୍ଗଲ ନିଆଁ ନିବାରଣ ସଚେତନତା



ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ସ୍ଥାନୀୟ ଲୋକେ।

ଆନନ୍ଦପୁର,୬।୪(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅଧୀନସ୍ଥ ଗୟଳମୁଣ୍ଡା ପଞ୍ଚାୟତସ୍ଥିତ ଓଲେଇକୁଣ୍ଡି ଗ୍ରାମରେ ପ୍ରକୃତିବନ୍ଧୁ ତ୍ରିଲୋଚନ ସାହୁଙ୍କ ନେତୃତ୍ୱରେ ଜଙ୍ଗଲ ନିଆଁ ନିବାରଣ, ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ହାତୀ ମଣିଷ ବିବାଦ କମାଇବା ପାଇଁ ସଚେତନତା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବର୍ଗର ଲୋକଙ୍କୁ ନେଇ ଜଙ୍ଗଲ ନିଆଁର ଭୟାବହତା ଏବଂ ହାତୀ ମଣିଷ ବିବାଦ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଖରାର ପ୍ରକୋପ ବଢ଼ିବାକୁଥିବାରୁ ଏ ଦିଗରେ ଅଧିକ ଯତ୍ନଶୀଳ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ଓଲେଇକୁଣ୍ଡିର ରାମ ନିରୂପା, ସାମାଜିକକର୍ମୀ ରାଜ କିଶୋର ବାରିକ, ରଞ୍ଜିତ ନାୟକ ସହଯୋଗ କରିଥିଲେ।

# ଖଣିକୁ ରେଳ ଲାଇନ ସଂଯୋଗ ନେଇ ବିରୋଧ

## ଜିଲାପାଳଙ୍କ ନିକଟରେ ଅଭିଯୋଗକଲେ ୩ ପଞ୍ଚାୟତବାସୀ


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅଭିଯୋଗକାରୀ।

ଯୋଡ଼ା,୬।୪(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ, ଝୁମ୍ପୁରା ବ୍ଲକ୍‌ର ବସନ୍ତପୁର୍, ନୟାଗଡ଼ ଓ କାଳୀମାଟି ପଞ୍ଚାୟତବାସୀ ନୟାଗଡ଼ ରେଳ ସାଇଡ଼ିଂରୁ ଓଡ଼ିଶା ଖଣି ନିଗମର ଦବୁନା–ସାକ୍ରାଡ଼ିହୀ ଖଣିକୁ ସିଧା ସଳଖ ରେଳ ଲାଇନ୍ ସଂଯୋଗ ନୋଟିସ୍‌କୁ ବିରୋଧ କରିଛନ୍ତି। ଏ ନେଇ ସୋମବାର ଜିଲାପାଳଙ୍କ ନିକଟରେ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଖଣି ଅଞ୍ଚଳର ଏହି ୩ଟି ପଞ୍ଚାୟତବାସୀ ଟ୍ରକ୍ ବ୍ୟବସାୟ କରି ନିଜର ପରିବାର ପ୍ରତିପୋଷଣ କରୁଛନ୍ତି। ଅଞ୍ଚଳରେ ଖଣି ଓ ଶିଳ୍ପ ପାଇଁ ଚାଷ କାର୍ଯ୍ୟ ବନ୍ଦ ହୋଇଯାଇଥିବାରୁ ଖଣିରୁ ରେଳ ସାଇଡିଂ ଏବଂ ଅନ୍ୟସ୍ଥାନକୁ ପରିବହନ କାର୍ଯ୍ୟରେ ଟ୍ରକ୍ ନିୟୋଜିତ କରି ଆସୁଛନ୍ତି। ନିକଟରେ ନୟାଗଡ଼ ରେଳ ସାଇଡିଂରୁ ଉକ୍ତ ଖଣିକୁ ରେଳ ଲାଇନ ସଂଯୋଗ ପାଇଁ ନୋଟିସ ଜାରି କରାଯାଇଛି। ଫଳରେ ୩ ପଞ୍ଚାୟତବାସୀ ମାନସିକ ଚିନ୍ତାରେ ରହିଛନ୍ତି। ଅନ୍ୟପକ୍ଷେ ଖଣିକୁ ଚଳାଇବା ପାଇଁ ଜଙ୍ଗଲ ଜମିକୁ ଅଣ ଜଙ୍ଗଲରେ ପରିଣତ ପାଇଁ ଜନଶୁଣାଣି ସମୟରେ ଗ୍ରାମବାସୀ ଭବିଷ୍ୟତରେ ଖଣି ପକ୍ଷରୁ କୌଣସି ବେଲ୍ଟ ଲାଇନ, ପାଇପ୍‌ଲାଇନ କିମ୍ବା ରେଳ ଲାଇନ ମାଧ୍ୟମରେ ଖଣିଜ ପରିବହନ ଯୋଜନା କଲେ, ପୁନର୍ବାର ମତାମତ ନେବା ପ୍ରସ୍ତାବ ଦିଆଯାଇଥିଲା। ଏ ନେଇ ୩ ପଞ୍ଚାୟତବାସୀ ଗତ ୧୦ ତାରିଖରେ ୩ ସରପଞ୍ଚଙ୍କୁ ଜଣାଇଥିଲେ। ଗତ ୧୬ ତାରିଖରେ ରେଳ ସଂଯୋଗ ବନ୍ଦ କରିବା ପାଇଁ ଝୁମ୍ପୁରା ତହସିଲଦାରଙ୍କୁ ମଧ୍ୟ ଲିଖିତ ଭାବେ ଜଣାଇଥିଲେ। କୌଣସି ଉତ୍ତର ନ ପାଇବାରୁ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଛନ୍ତି। ଖଣିରୁ ରେଳ ଦ୍ୱାରା ପରିବହନ ହେଲେ ଖଣି ଅଞ୍ଚଳରେ ହାହା କାର ଦେଖା ଦେବ। ରେଳ ସଂଯୋଗକୁ ସମ୍ପୂର୍ଣ୍ଣଭାବେ ବନ୍ଦ କରିବା ପାଇଁ ଦାବି କରିଛନ୍ତି।

## ଓଡ଼ିଆ ପକ୍ଷ ଅବସରରେ ଦେବାଳୟରେ ସଫେଇ କାର୍ଯ୍ୟ

ପାଟଣା,୬।୪(ବୀର କିଶୋର ଦାଶ): ରାଜ୍ୟରେ ଓଡ଼ିଆ ପକ୍ଷ ପାଳନ ହେଉଥିବା ବେଳେ ସୋମବାର କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ର ରାଜନଗର ରଘୁନାଥ ଜିଉ ମଠ, ଟାଙ୍ଗରପଡ଼ା ମଠ, ଭୀମକୁଣ୍ଡ ପର୍ଯ୍ୟଟନସ୍ଥଳୀ, ପାଟଣା ଆନନ୍ଦେଶ୍ୱର୍ ଶିବ ମନ୍ଦିର ସହ ବ୍ଲକ୍‌ର ବିଭିନ୍ନ ଐତିହ୍ୟସ୍ଥଳୀ ଓ ଦେବାଳୟଗୁଡ଼ିକରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାଜନ ଗର ରଘୁନାଥ ଜିଉ ମଠରେ ସ୍ଥାନୀୟ ସରପଞ୍ଚ ସୁଧାଂଶୁ ନାଏକ, ବିଡିଓ ମାନସ କୁମାର ଦଣ୍ଡପାଟ, ପ୍ରୋଗ୍ରାମ ଅଫିସର୍ ଜମାଲ ଉଦ୍ଦିନ ଖାନ, ପିଇଓ ଲଲାଟେନ୍ଦୁ ବିଦ୍ୟାଧର ମହାନ୍ତ, ଡୁମୁରିଆ ପଞ୍ଚାୟତ ଭୀମକୁଣ୍ଡ ପର୍ଯ୍ୟଟନସ୍ଥଳୀରେ ସ୍ଥାନୀୟ ସରପଞ୍ଚ ଗୌରହରି ନାଏକ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଅଭୟ ଚରଣ ଦେହୁରୀ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଧାଂଶୁ ପାଇକ ରାୟ, ଏଡିଇଓ ଯଦୁ ମଣି ମହାନ୍ତ, ଯିଓ ଟେକର ଡମ୍ବରୁ ଧର ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ। ବଡ଼ପାଟଣା ପଞ୍ଚାୟତ ଆନନ୍ଦେଶ୍ୱର ଶିବ ମନ୍ଦିରରେ ସରପଞ୍ଚ ବିନତୀ ବାନାରା, ନୋଡାଲ ଅଫିସର ସିପ୍ରା ରାଣୀ ମହାନ୍ତ, ପିଇଓ ଅଶୋକ ମହାନ୍ତ, ଟାଙ୍ଗରପଡ଼ା ମଠରେ ସରପଞ୍ଚ ଅନୁରୁଦ୍ଧ ନାଏକ, ପିଇଓ ଅଭିଲାଷ ରାଜଙ୍କ ସହ ସମ୍ପୃକ୍ତ ଅଞ୍ଚଳର ସାମାଜିକ କର୍ମୀ, ସ୍ଥାନୀୟ ଏସ୍‌ଏଚ୍‌ଜୀ ଗ୍ରୁପ ମହିଳା, ଏମ୍‌ବିକେ, ସିଆରପି ମିଶି ସଫେଇ କରିବା ସହ ସ୍ଥଳଗୁଡ଼ିକର ସଫା ସୁତରା ରଖିବାକୁ ସପଥ ନେଇଥିଲେ।

## ବ୍ଲକ୍‌ସ୍ତରୀୟ ଯାଦବ ସମ୍ମିଳନୀ

ଆନନ୍ଦପୁର,୬।୪(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଶାଳଦେଇ ପଞ୍ଚାୟତ ଓଡ଼ପଡ଼ା ଗ୍ରାମରେ ଘସିପୁରା ବ୍ଲକ୍ ଯାଦବ ମହାସଂଘର ଚତୁର୍ଥ ବାର୍ଷିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲାର ଯାଦବ ମହାସଂଘ ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ, ଜିଲା ମୁଖ୍ୟ ଉପଦେଷ୍ଟା ରାହାସ ବିହାରୀ ବାରିକ, ଜିଲା ମହିଳା ନେତ୍ରୀ ମମତା ସିଂ, ଜିଲା ଉପସଭାପତି ହରିହର ବେହେରା, ରାଜ୍ୟ ଉସଭାପତି ନୃସିଂହଚରଣ ଦାସ, ବ୍ଲକ୍ ମହିଳା ସଭାପତି ଉଷାରାଣୀ ବେହେରା, ଜିଲା ସାଧାରଣ ସମ୍ପାଦକ ପବିତ୍ର ପଲେଇ, ବ୍ଲକ୍ ସଭାପତି ବିଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏଥି ସହିତ ଯାଦବ ପରିବାରର କୌଣସି ବ୍ୟକ୍ତି ଅସୁସ୍ଥ ଏବଂ ଅସହାୟ ଅବସ୍ଥାରେ ପଡ଼ିଲେ ଯାଦବ ମହାସଂଘ ପକ୍ଷରୁ ସହାୟତା ଯୋଗାଇ ଦିଆଯିବାକୁ ଜିଲା ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରକାଶ କରିଥିଲେ। ସମ୍ମିଳନୀ ପୂର୍ବରୁ ଶାଳଦେଇ, ଓଡ଼ପଡ଼ା ଗାଁମୁଣ୍ଡରୁ ଯାଦବ ସମ୍ପ୍ରଦାୟର ଯୁବକମାନେ ଲଉଡି ନୃତ୍ୟ ଖେଳ ପରିବେଷଣ କରିଥିଲେ। ବ୍ଲକ୍ ଯୁବ ଯାଦବ ସଂଘ ସଭାପତି ଅମୂଲ୍ୟ କୁମାର ବାରିକ କାର୍ଯ୍ୟ ସମ୍ପାଦନ କରିଥିଲେ। ଘସିପୁରା ବ୍ଲକ୍ ସମେତ ଯାଜପୁର ଜିଲାର ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟାରେ ଯାଦବ ପରିବାର ସଦସ୍ୟ ଏହି ସମ୍ମିଳନୀରେ ଯୋଗଦାନ କରି ନିଜର ଅଭିବ୍ୟକ୍ତି ପ୍ରକାଶ କରିଥିଲେ।

## ମମିତା ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ନିଯୁକ୍ତ

ପାଟଣା,୬।୪(ବୀର କିଶୋର ଦାଶ)



ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷା ତଥା ଭାଜପା ବରିଷ୍ଠ ନେତ୍ରୀ ମମିତା ନାଏକଙ୍କୁ ମୁଖ୍ୟମନ୍ତ୍ରୀ ସୋମବାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷାଭାବେ ନିଯୁକ୍ତି ଦେଇଛନ୍ତି। ସେ ୨୦୦୧ରେ ଭାଜପାରେ ଯୋଗ ଦେଇଥିବା ବେଳେ ୨୦୦୨ରେ ଜିଲା ପରିଷଦ ଅଧ୍ୟକ୍ଷା ହୋଇଥିଲେ। ତାଙ୍କ ଘର ପାଟଣା ନିର୍ବାଚନ ମଣ୍ଡଳୀ ସାହାରପଡ଼ା ବ୍ଲକ୍ ଖଜିରାପାଟରେ ହୋଇଥିବା ବେଳେ ଏବେ ସାହାରପଡ଼ା ମୁଖ୍ୟାଳୟରେ ଅବସ୍ଥାନ କରୁଛନ୍ତି। ନୂତନ ପଦବୀ ନେଇ ପ୍ରତିକ୍ରିୟାରେ କହିଛନ୍ତି, ଆଦିବାସୀ ବହୁଳ କେନ୍ଦୁଝରର ଭଉଣୀ, ଭାଇଙ୍କ ସର୍ବାଙ୍ଗୀନ ଉନ୍ନତି ବିକାଶ ସହ ଆଦିବାସୀ କଳା, ସଂସ୍କୃତି, ଭାଷା, ଲୋକନୃତ୍ୟ, ଧର୍ମୀୟ ସ୍ଥଳୀ, ଉପାସନା ପୀଠର ସୁରକ୍ଷା ଓ ବିକାଶ ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ଆଦିବାସୀ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ( ସଂଗଠନ) ମାନସ ମହାନ୍ତି, ଜିଲା ଭାଜପା ସଭାପତି ଶୁକଦେବ ମାହାନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ବାଇକ୍‌କୁ ଧକ୍କା ଦେଇ ଡିଭାଇଡରରେ ଚଢ଼ିଗଲା ଟ୍ରକ୍

ବଡ଼ବିଲ,୬।୪(ଜୟନ୍ତୀ ରଣା)

କେନ୍ଦୁଝର ଜିଲା ବଡ଼ବିଲରେ ସୋମବାର ସକାଳ ପ୍ରାୟ ୬ଟା ବେଳେ ବଡ଼ବିଲ ମୁଖ୍ୟ ରାଜ୍ୟ ରାଜପଥର ପୁରୁଣା କୋର୍ଟ ନିକଟରେ ଏକ ଖଣିଜ ବୋଝେଇ ଟ୍ରକ୍ ବାଇକ୍‌କୁ ଧକ୍କା ଦେଇ ଡିଭାଇଡର ଉପରେ ଚଢ଼ିଯାଇଛି। ଦୁର୍ଘଟଣାରେ ବାଇକ୍ ଭାଙ୍ଗି ଚୁରମାର ହୋଇଯାଇଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ ଲୋକ ଅଳ୍ପକେ ବର୍ତ୍ତିଯାଇଛନ୍ତି।

ସୂଚନା ଅନୁଯାୟୀ, ଭଦ୍ରାସାହି–ବଡ଼ବିଲ–ନାଳଦା ରାଜ୍ୟ ରାଜପଥର ପୁରୁଣା କୋର୍ଟ ନିକଟରେ ଥିବା ଆପ୍ରୋଚ ରୋଡ୍ ପାଖରେ ଜଣେ ବ୍ୟକ୍ତି ବାଇକ୍ ରଖି ନିକଟସ୍ଥ ଚା' ଦୋକାନକୁ ଯାଇଥିଲେ। ଏହି ସମୟରେ ବଡ଼ବିଲ ବଜାର ପଟୁ ଭଦ୍ରାସାହି ଆଡକୁ ଯାଉଥିବା ଖଣିଜ ବୋଝେଇ ଟ୍ରକ (ନଂ. ଓଡି ୦୯ ପି ୬୮୫୯) ବାଇକ୍‌କୁ ଧକ୍କା ଦେଇଥିଲା। ବାଇକ୍ ଭାଙ୍ଗି ଯାଇଥିବା ବେଳେ ବାଇକ୍ ଆରୋହୀଙ୍କ ସମେତ ପାଖ ଦୋକାନ ନିକଟରେ ଛିଡ଼ା ହୋଇଥିବା ୧୦ରୁ ଊର୍ଦ୍ଧ୍ୱ ଲୋକ ଅଳ୍ପକେ ବର୍ତ୍ତିଯାଇଥିଲେ। ଟ୍ରକ୍‌ଟି ଡିଭାଇଡର ଉପରେ ଚଢ଼ିଯାଇ କିଛି ଦୂର ଯିବା ପରେ ଅଟକି ଯାଇଥିଲା। ଟ୍ରକ୍ ଛାଡ଼ି ଚାଳକ ଫେରାର ହୋଇଯାଇଥିବା ବେଳେ ପୋଲିସ ଟ୍ରକ୍‌ଟିକୁ ଜବତ କରି ତଦନ୍ତ କରୁଛି।

**ବେପରୁଆ ଭାରିଯାନ ଚଳାଚଳ ଉପରେ ଅଙ୍କୁଶ ଦାବି**



ପ୍ରକାଶ ଥାଉକି, ବଡବିଲ ସହର ମଧ୍ୟଦେଇ ଭାରିଯାନଗୁଡ଼ିକ ଅପରାହ୍ନ ୨ ଟାରୁ ୩ଟା ଏବଂ ରାତି ୮ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଚଳାଚଳ ଉପରେ କୋହଳ କରାଯାଇଛି। ପ୍ରଶାସନର ଢିଲା ମନଭାବ ଯୋଗୁ ଭାରିଯାନ ରୋଇଡ଼ା ଛକଠାରୁ କିରିବୁରୁ ଛକ ପର୍ଯ୍ୟନ୍ତ ୨ରୁ ୩ ଧାଡ଼ିରେ ଛିଡ଼ା ହେଉଛନ୍ତି। ଅପରାହ୍ନ ୩ଟା ପରେ, ସକାଳ ୬ ଟା ପରେ ମଧ ଚଳାଚଳ କରୁଛି। ବିଶେଷ କରି ଦ୍ରୁତଗତି ଓ ବେପରୁଆ ଚାଳନା ଯୋଗୁ ରାସ୍ତା ଯାତାୟାତ ବିପଦପୂର୍ଣ୍ଣ ହେଉଛି। ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି।

## ଭୀମଭୋଇ ସାମର୍ଥ୍ୟ ଶିବିର

ଢେଙ୍କିକୋଟ,୬।୪(ନୀଳମଣି ମଣ୍ଡଳ) କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ସୁନାଟାଙ୍ଗିରି ପଞ୍ଚାୟତ ସୁନାଟାଙ୍ଗିରି ପଞ୍ଚାୟତ କାର୍ଯ୍ୟାଳୟଠାରେ ସୋମବାର ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକଙ୍କ ଘଟଗାଁ ବ୍ଲକ୍ ପ୍ରତିନିଧି ଅଖିଳ ପାତ୍ର ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀୟ ଅତିଥିଭାବେ ଘଟଗାଁ ବିଡିଓ ଖଗେଶ୍ୱର ବରାଳ, ସ୍ଥାନୀୟ ସରପଞ୍ଚ ଦେବେନ୍ଦ୍ରନାଥ ନାଏକ, ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଇନଚାର୍ଜ ଡା. ମୁକ୍ତିକାନ୍ତ ନାୟକ ଯୋଗଦେଇଥିଲେ। ୧ ଶହରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଆସିଥିବା ବେଳେ ବିଭିନ୍ନ ବିଭାଗର ଡାକ୍ତର ଦିବ୍ୟାଙ୍ଗଙ୍କ ପରୀକ୍ଷା ନିରୀକ୍ଷା କରାଯାଇ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଭିଯାନ

କେନ୍ଦୁଝର,୬।୪(ଦୀପକ ମିଶ୍ର)

କେନ୍ଦୁଝର ସହରର ଗୁଜୁରାଟୀ ସମାଜଠାରେ କେନ୍ଦୁଝର ନଗର ମଣ୍ଡଳ ତରଫରୁ ୨ ଦିନିଆ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ୨୦୨୬ ରବିବାର ଆରମ୍ଭ ହୋଇଛି। ନଗର ମଣ୍ଡଳ ପ୍ରଶିକ୍ଷଣ ମହାଅଭିଯାନର ପ୍ରମୁଖ ୍। ଶ୍ୟାମସୁନ୍ଦର ନାଏକଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ଭାଜପାର ଜିଲା ସଭାପତି ଶୁକଦେବ ମହାନ୍ତ, ଜିଲା ସମ୍ପାଦକ ବିଶ୍ୱଜିତ୍ ତ୍ରିପାଠୀ, କେନ୍ଦୁଝରଗଡ଼ ପୌରପାଳିକାର ଅଧ୍ୟକ୍ଷା ନିକୁ ସାହୁ, ନଗର ମଣ୍ଡଳ ପ୍ରଭାରୀ ଦିଲ୍ଲୀପ ପଣ୍ଡା, ବରିଷ୍ଠ ନେତ୍ରୀ କିରଣବାଳା ନାୟକ, ନଗର ମଣ୍ଡଳ ସଭାପତି ଅସିତ ନନ୍ଦନ ମହାନ୍ତି ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକର୍ତ୍ତାଙ୍କୁ ପାର୍ଟିର ଇତିହାସ ଏବଂ ବିକାଶ, ୨୦୪୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିକଶିତ ରାଷ୍ଟ୍ର ସ୍ୱପ୍ନ,, ୨୦୩୬ରେ ଓଡ଼ିଶା ରାଜ୍ୟର ପ୍ରତିଷ୍ଠାକୁ ୧୦୦ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶାକୁ ଦେଶର ଏକ ନମ୍ବର ରାଜ୍ୟ କରିବା ନେଇ ମୁଖ୍ୟମନ୍ତ୍ରୀଙ୍କ ସଂକଳ୍ପକୁ ସଫଳ କରିବା ଶିବିର ଅନୁଷ୍ଠିତ ହୋଇଛି ବୋଲି ଜିଲା ସଭାପତି ମହାନ୍ତ କହିଥିଲେ।

# ୪୩ ଲକ୍ଷ ଟଙ୍କା ଜରିମାନା

କେନ୍ଦୁଝର,୬।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

**ଲିଜ୍ ବାହାରେ ବାଲି ଖନନ**

କେନ୍ଦୁଝର ଜିଲା ଚମ୍ପୁଆ ତହସିଲ ଅନ୍ତର୍ଗତ ବୈତରଣୀ ନଦୀର ମ୍ୟାକମିଲାନପୁର ବାଲିଘାଟରୁ ଲିଜ୍ ବାହାରେ ବାଲି ଖନନ ହୋଇ ଚୋରି ଘଟଣାରେ ଖଣି ବିଭାଗ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ତହସିଲ ପକ୍ଷରୁ ଯାଞ୍ଚ ପରେ ଖଣି ବିଭାଗକୁ ରିପୋର୍ଟ ପ୍ରଦାନ କରାଯାଇଥିଲା। ଏହାକୁ ନେଇ ଖଣି ବିଭାଗ ତର୍ଜମା କରି ବେଆଇନ କାମ ହୋଇଥିବା ଜାଣି ୪୩ ଲକ୍ଷ ଟଙ୍କା ଜରିମାନା ଦେବାକୁ ଆଦେଶ କରାଯାଇଛି।

ଖଣି ବିଭାଗ ସୂଚନା ଅନୁଯାୟୀ, ବାଲି ଖାଦାନ ୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଅବଧି ରହିଛି। ଏଥିରୁ ବିଭିନ୍ନ ସରକାରୀ କାମ ପାଇଁ ଠିକା ସଂସ୍ଥା ସୌରାତ ସୁମିତ୍ ନନ୍ଦନ ମହାନ୍ତିଙ୍କୁ ୩୦୦୦କ୍ୟୁବିକ୍ ମିଟର ବାଲି ଉତ୍ତୋଳନ ପାଇଁ ଟିପି ଇସ୍ୟୁ ଦିଆଯାଇଥିଲା। ବାଙ୍କିଆ–ନୂଆଗାଁ ରାସ୍ତାର ମ୍ୟାକମିଲାନପୁର ଗ୍ରାମ ନିକଟରେ ନିର୍ମାଣାଧୀନ ପୋଲଠାରୁ ୨୦୦ମିଟର ଦୂରରେ ବେଆଇନ ଭାବେ ବାଲି ଖନନ ହେଉଥିବା ନେଇ ଗ୍ରାମ୍ୟ ଉନ୍ନୟନ ବିଭାଜନ(୨)ର ଅଧୀକ୍ଷଣ ଯନ୍ତ୍ରୀ ଜିଲାପାଳଙ୍କୁ ଚିଠି ମାଧ୍ୟମରେ ଜଣାଇଥିଲେ। ଘଟଣାରେ ତହସିଲର ପକ୍ଷରୁ ତଦନ୍ତ କରାଯାଇ ରିପୋର୍ଟ ପ୍ରଦାନ କରାଯାଇଥିଲା। ରିପୋର୍ଟକୁ ଭିତ୍ତି କରି ଖଣି ବିଭାଗ ପକ୍ଷରୁ ମାପଚୁପ ପରେ ଏହି ଜରିମାନା କରାଯାଇଛି। ବେଆଇନ କାମ ହୋଇଥିବା ଜଣାପଡ଼ିବା ପରେ ଜରିମାନା ଦେବାକୁ ନୋଟିସ୍ କରାଯାଇଛି ବୋଲି ଚମ୍ପୁଆ ଲଘୁ ଖଣି ଅଧିକାରୀ ସୁପ୍ରଭା ନାୟକ କହିଛନ୍ତି। ଏ ନେଇ ଅଦ୍ୟାବଧି ଥାନାରେ କୌଣସି ଏତଲା ଦିଆଯାଇ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ୭ ମାସରେ ୧୨୦୦ଙ୍କୁ ଦେଲେଣି ତାଲିମ

କେନ୍ଦୁଝର,୬।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

**ଅବଳା ନୁହେଁ ନାରୀ**

**ଚର୍ଚ୍ଚାରେ ଗାଡ଼ି ଚାଳନା ପ୍ରଶିକ୍ଷିକା ସନ୍ଧ୍ୟାରାଣୀ**

ମହିଳା ଆଉ ଅବଳା ନୁହନ୍ତି। ସେ ପୁରୁଷଙ୍କ ଭଳି ସବୁ କିଛି କରି ପାରୁଛନ୍ତି। ଏହାର ଅନେକ ଦୃଷ୍ଟାନ୍ତ ରହିଥିବା ବେଳେ କେନ୍ଦୁଝର ଜିଲାର ସନ୍ଧ୍ୟାରାଣୀ ଦାସ(୨୫) ଗାଡ଼ି ଚାଳନା ପ୍ରଶିକ୍ଷଣ ଦେଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ସେ ବିଭିନ୍ନ ଗାଡ଼ି ଚଳାଇ ପାରୁଥିବା ବେଳେ ୭ ମାସରେ ୧୨୦୦ ଜଣଙ୍କୁ ଗାଡ଼ି ଚାଳନା ଶିଖାଇଛନ୍ତି।

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ପୁରୁଲିଆ ଗାଁର ସତ୍ୟବ୍ରତ ଦାସ ଓ ତିଳୋତ୍ତମା ଦାସଙ୍କ ଝିଅ ସନ୍ଧ୍ୟାରାଣୀ। ସ୍ନାତକୋତ୍ତର ପାଠ ସାରିବା ପରେ ସେ ବଣାଇଠାରେ ଥିବା ଗାଡ଼ି ଚାଳନା ପ୍ରଶିକ୍ଷଣ ସ୍କୁଲରେ ୨୦୨୪ରେ ବସ୍, ଟ୍ରେଲର, କଣ୍ଟେନର, ଟିପ୍ପର ଆଦି କମର୍ସିଆଲ ଓ ବିଭିନ୍ନ ଭାରୀଯାନ ଚାଳନା ପ୍ରଶିକ୍ଷଣ ନେଇଥିଲେ। ସେଠାରୁ


ସନ୍ଧ୍ୟାରାଣୀ ଦାସ।

ତାଲିମ ପରେ କାମ ନ ମିଳିବାରୁ ଘରେ ବସି ରହିଥିଲେ। ୨୦୨୫ ଅଗଷ୍ଟରୁ ସଦର ବ୍ଲକ୍ କଣ୍ଡରାପଶିସ୍ଥିତ ଡ୍ରାଇଭିଂ ତାଲିମ କେନ୍ଦ୍ରରେ ପ୍ରଶିକ୍ଷିକା ଭାବେ କାମ ଆରମ୍ଭ କରିଥିଲେ। ଏବେ ଗତ ୭ ମାସରେ ପ୍ରାୟ ୧୨ ଶହ ଜଣଙ୍କୁ ଗାଡ଼ି ଚାଳନା ତାଲିମ ଦେଇଥିବା କହିଛନ୍ତି। ବାପା ଜଣେ ଇଲେକ୍ଟ୍ରୋନିକ୍ସ ଟେକନିସିଆନ ଓ ମାଆ ଗୃହିଣୀ ହୋଇଥିବା ବେଳେ ଘରେ ୩ ଭଉଣୀ ମଧ୍ୟରେ ସେ ବଡ। ମଝିଆ ଭଉଣୀ ଯୁକ୍ତ୩ରେ ପଢୁଥିବା ବେଳେ ସାନ ଭଉଣୀ ଦଶମ ଶ୍ରେଣୀରେ ପଢୁଥିବା କୁହନ୍ତି। ଗାଡ଼ି ପ୍ରଶିକ୍ଷଣ ତାଲିମ କେନ୍ଦ୍ରରେ ଭଲ ରୋଜଗାର ହେଉଥିବା କହିଛନ୍ତି। ଫଳରେ ନିଜେ ସ୍ୱାବଲମ୍ବୀ ହେବା ସହ ପରିବାର ଚଳାଇବାରେ ମଧ୍ୟ ସହଯୋଗ କରୁଛନ୍ତି। ବିଶେଷ କରି ସନ୍ଧ୍ୟାରାଣୀ ଗ୍ରାମାଞ୍ଚଳରେ ବାଇକ୍, ବୁଲେଟ୍ ଧରି ରାସ୍ତାରେ ଗଲା ବେଳେ ଲୋକେ ଦେଖି ଚାହିଁ ରହୁଛନ୍ତି। ମହିଳା ଗାଡ଼ି ପ୍ରଶିକ୍ଷିକା ହୋଇ ସେ ଅଞ୍ଚଳର ଗୌରବ ବଢ଼ାଇବା ସହ ମା' ବାପାଙ୍କ ଗର୍ବ ପାଲଟିଛନ୍ତି।

# ଅବଧି ବଢ଼ିବା ପରେ ବି ବିକିପାରିନାହାନ୍ତି ଧାନ

ଭଦ୍ରକ,୬।୪(ସନାତନ ରାଉତ)

ଚଳିତବର୍ଷ ଖରିଫ ଧାନ କିଣାରେ ବହୁ ଅବ୍ୟବସ୍ଥା ଦେଖାଯାଇଥିବା ବେଳେ ଅବଧି ସରିବା ପରେ ମଧ୍ୟ ପଞ୍ଜୀକୃତ ଚାଷୀଙ୍କ ଧାନ ସଂଗ୍ରହ ହୋଇପାରି ନ ଥିଲା। ମାର୍ଚ୍ଚ ୩୧ ସୁଦ୍ଧା ଲାମ୍ପ ହୋଇଥିବା ଟୋକନଗୁଡ଼ିକରେ ଧାନ କିଣିବା ପାଇଁ ରାଜ୍ୟ ସରକାରଙ୍କ ଯୋଗାଣ ବିଭାଗ ପକ୍ଷରୁ ଚଳିତ ମାସ ୭ ତାରିଖ ପର୍ଯ୍ୟନ୍ତ ଅତିରିକ୍ତ ସମୟ ବୃଦ୍ଧି କରାଯାଇଥିଲା। ମାର୍ଚ୍ଚ ୩୧ ସୁଦ୍ଧା ଭଦ୍ରକ ଜିଲାରେ ୩୪ ଲକ୍ଷ ୨୮ ହଜାର ୯୫ କୁଇଣ୍ଟାଲ ଧାନ କିଣାଯାଇଥିଲା। ଏହି ଅତିରିକ୍ତ ସମୟ ମଧ୍ୟରେ ଜିଲାରେ ପ୍ରାୟ ୩୫ ହଜାର ଉର୍ଦ୍ଧ୍ୱ କୁଇଣ୍ଟାଲ ଧାନ ସଂଗ୍ରହ କରାଯିବ ବୋଲି ଜିଲା ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ମଙ୍ଗଳବାର ଅତିରିକ୍ତ ଅବଧି ସରିବାକୁ ଥିବାବେଳେ ଯେଉଁ ଚାଷୀମାନଙ୍କର ମାର୍ଚ୍ଚ ୩୧ ସୁଦ୍ଧା ଟୋକନ ଲାମ୍ପ ହୋଇଥିଲା, ସେମାନଙ୍କ ମଧ୍ୟରୁ ଅଧିକାଂଶ ଚାଷୀଙ୍କର ଧାନ ଅବଧି ବଢ଼ିବା ପରେ ବି ସୋମବାର ସୁଦ୍ଧା ବିକ୍ରି ହୋଇପାରି ନାହିଁ। ଏହାକୁ ନେଇ ଚାଷୀମାନେ ଚିନ୍ତାରେ ରହିଛନ୍ତି।

ଅଧିକାଂଶ ସେବା ସମବାୟ ସମିତି ଅଧୀନରେ ଏମିତି ଅନେକ ଚାଷୀ ରହିଥିବା ବେଳେ ବନ୍ତ ବ୍ଲକ ଚାଉଁପୁର ସେବା ସମବାୟ ସମିତିରେ ୬୫ଜଣ ଚାଷୀଙ୍କର ଟୋକନ ଲାମ୍ପ ହୋଇଯାଇଛି।

## ଚିନ୍ତାରେ ଚାଷୀ

ଚାଷୀ କୌଶଲ୍ୟା ପାଣି, ଉମେଶ ପ୍ରସାଦ କର, ଦୈତାରୀ ପୃଷ୍ଟି, ସରୋଜିନୀ ନାୟକ, ପ୍ରଦୀପ କୁମାର ଜେନା, ସମୀର ସାଙ୍କର ଟୋକନ ଲାମ୍ପ ହୋଇଥିବା ବେଳେ ସେମାନେ ଧାନ ବିକ୍ରି ଚିନ୍ତାରେ ଅଛନ୍ତି। ଏନେଇ ବନ୍ତ ବ୍ଲକ ଧାନ କ୍ରୟ ଅଫିସର ସୁଶୀଲ ଦାସ କହିଛନ୍ତି, ସେହି ଚାଷୀମାନଙ୍କର ଧାନ କ୍ରୟ କରିବା ପାଇଁ ଭଦ୍ରକ କୋଅପରେଟିଭ୍ ସୋସାଇଟି ଡେପୁଟି ରେଜିଷ୍ଟ୍ରାରଙ୍କୁ ଗତ ୨ ତାରିଖରୁ ଚିଠି ଦିଆଯାଇଛି। ବିଭାଗ ପକ୍ଷରୁ ମେସେଜ ଆସିଲେ ସେମାନଙ୍କ ଧାନ କିଣାଯିବ। ଏନେଇ ଜିଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ କହିଛନ୍ତି, ୭ ଦିନ ସମୟ ଅଧିକ ଦିଆଯାଇଥିବା ବେଳେ ଧାନକିଣା ଚାଲିଛି। ଆଉ ୨,୧୨୪ କୁଇଣ୍ଟାଲ ଶେଷ ଦିନରେ କିଣାଯିବ। ସବୁ ଲାମ୍ପ ହୋଇଥିବା ଟୋକନର ଧାନ କିଣାଯିବ ବୋଲି ସେ କହିଛନ୍ତି। ତେବେ ଚାଷୀମାନେ ଗତ ଡିସେମ୍ବରରୁ ଧାନ ଅମଳ କରିଥିବା ବେଳେ ସେହି ମାସ ୫ ତାରିଖରୁ ମଣ୍ଡି ଖୋଲାଯାଇ ଧାନକିଣା ଆରମ୍ଭ ହୋଇଥିଲା। ତେବେ ମଣ୍ଡିରୁ ଠିକ୍ ସମୟରେ ମିଲର ଧାନ ନ ଉଠାଇବା, କଷ୍ଟମ ମିଲିଂ ପାଇଁ ଅନୁମତି ମିଳିବାରେ ବିଳମ୍ବ ହେବାରୁ ମିଲରମାନେ ଧାନ କିଣିବାକୁ ମନା କରିବା ଆଦି ବିଭିନ୍ନ ଅବ୍ୟବସ୍ଥା ଯୋଗୁ ଚାଷୀଙ୍କ ଧାନ ବିକ୍ରି ହୋଇପାରି ନାହିଁ। ଚାଷୀମାନେ କରଜ କରି ଚାଷ କରିଥିବା ବେଳେ ଅମଳ ଧାନ ବିକ୍ରି କରି ଟଙ୍କା ପାଇବାକୁ ୪ ମାସ ବିତିଯାଇଛି। ଏହାକୁ ନେଇ ଟୋକନ ଲାମ୍ପ ହୋଇଥିବା ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଚଳିତବର୍ଷ ଜିଲାରେ ୧୫୧ଟି ସରକାରୀ ମଣ୍ଡି ଖୋଲାଯାଇଥିବା ବେଳେ ୧୭ ହଜାର ୨୩୨ଜଣ ଚାଷୀ ଧାନ ବିକିବାକୁ ନାମ ପଞ୍ଜୀକରଣ କରିଥିଲେ। ପ୍ରଥମେ ୩୧ ଲକ୍ଷ ୩୦ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ପରବର୍ତ୍ତୀ ସମୟରେ ଲକ୍ଷ୍ୟଧାର୍ଯ୍ୟ ବୃଦ୍ଧି କରାଯାଇଥିଲା।

# କାମରେ ଆସୁନି ପାଣିଟାଙ୍କି

## ୪ ଗ୍ରାମରେ ପାନୀୟ ଜଳସଙ୍କଟ

ଅସୁରାଳି,୬।୪(ସନ୍ତୋଷ ସାହୁ)

ଧାମନଗର ବ୍ଲକ ଅଧୀନ ଗୋବିନ୍ଦପୁର ପଞ୍ଚାୟତ ଅଜମତପୁର ଗ୍ରାମରେ ବସୁଧା ଯୋଜନାରେ ପାଣିଟାଙ୍କି ୨୦୨୨ରୁ ନିର୍ମାଣ ସରିଥିଲେ ବି ଏଯାଏ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ଏହା ଲୋକଙ୍କ କାମରେ ଆସୁନାହିଁ। ଅଜମତପୁର ସହ ବରଗଡ଼ା, କଷଟି ଓ ଇଚ୍ଛାପୁର ଗ୍ରାମକୁ ମିଶାଇ ପ୍ରାୟ ୧୭୦୦ ଲୋକ ଏହି ପାଣିଟାଙ୍କି ଉପରେ ନିର୍ଭରଶୀଳ। ଖରାଦିନ ଆରମ୍ଭ ହୋଇଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ପାନୀୟ ଜଳ ଯୋଗାଣ ପାଇଁ ଠିକ୍ ବ୍ୟବସ୍ଥା ହୋଇ ନ ଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସରପଞ୍ଚ ଦାୟିତ୍ୱରେ ଥିବା ନାଏବ ସରପଞ୍ଚ ମାଳତୀ ସାହୁ କହିଛନ୍ତି, ଗ୍ରାମ ଭିତରକୁ ଯାଇଥିବା ପାଇପ୍ ଅନେକ ସ୍ଥାନରେ ଫାଟିଯାଇଛି। ତାହା ମରାମତି ପାଇଁ ଠିକାଦାରଙ୍କୁ ବାରମ୍ବାର କୁହାଯାଇଥିଲେ ମଧ୍ୟ କାମ ହେଉନାହିଁ। ଠିକାଦାରଙ୍କ କହିବା ଅନୁଯାୟୀ ଶ୍ରମିକ ନ ଥିବାରୁ କାମ ବିଳମ୍ବ ହେଉଛି। ଏ ସମ୍ପର୍କରେ



ଗୋବିନ୍ଦପୁର ପଞ୍ଚାୟତର ଅଜମତପୁର ଗ୍ରାମରେ ବସୁଧା ଯୋଜନାରେ ନିର୍ମିତ ପାଣିଟାଙ୍କି।

ଆରଡବ୍ଲ୍ୟୁଏସ୍ଏସ୍ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରଦୀପ ନାୟକ କହିଛନ୍ତି, ନିର୍ମାଣ କାର୍ଯ୍ୟ ପରେ ପଞ୍ଚାୟତକୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ତଥାପି କିଛି କାମ ବାକି ଅଛି, ଶୀଘ୍ର ଶେଷ କରାଯିବ। ବିଡିଓ ବନ ବିହାରୀ ଦିଣ୍ଡାଙ୍କୁ ପଚାରିବାରୁ ସରପଞ୍ଚ ଲିଖିତ ଭାବେ ଜଣାଇଲେ ସେ ଦିଗରେ ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ବାବା ଜଗତେଶ୍ୱରଙ୍କ ବାର୍ଷିକୋତ୍ସବ



ବାବା ଜଗତେଶ୍ୱରଙ୍କ ବଡ଼ସିଂହାର ବେଶ।

ଧାମନଗର,୬।୪(ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତ ବାଲିପାଟଣା ଗ୍ରାମରେ ଥିବା ବାବା ଜଗତେଶ୍ୱର ମହାଦେବଙ୍କ ୪ର୍ଥ ବାର୍ଷିକୋତ୍ସବ ଓ ହୋମ ଯଜ୍ଞ ସୋମବାର ଅନୁଷ୍ଠିତ ହୋଇଯାଇଛି। ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ, ଅଙ୍କୁରାରୋପଣ, ଯଜ୍ଞ, ରୁଦ୍ରାଭିଷେକ, ବଡ଼ସିଂହାର ବେଶ, ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂଜକ ଭାବେ ଆଚାର୍ଯ୍ୟ ରବିନାରାୟଣ ଦୀକ୍ଷିତ, ପଣ୍ଡିତ ଶତ୍ରୁଜିତ୍ ଦାଶ, ପୁସ୍ତକାଚାର୍ଯ୍ୟ ହରିଶଙ୍କର ଦୀକ୍ଷିତ ଓ ଚରୁ ଆଚାର୍ଯ୍ୟ ବାବି ନନ୍ଦ ଦାୟିତ୍ୱ ତୁଲାଇଥିଲେ। ବାଲିପାଟଣା ଗ୍ରାମବାସୀ ପରିଚାଳନା କରିଥିଲେ। ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ପ୍ରସାଦ ସେବନ କରିଥିଲେ।

# ୩ ଦିନ ହେଲା ରାସ୍ତାରେ ପଡ଼ିରହିଛି ଗଛ

ଧୁଷୁରୀ, ୬।୪(ଦୀପ୍ତିରଞ୍ଜନ ନାୟକ)

ଚାନ୍ଦବାଲି ବ୍ଲକର କୁଳେଇପଦା ଛକ ନିକଟରେ ୨୦ ନଂ. ଜାତୀୟ ରାଜପଥରେ ଶନିବାର ଅପରାହ୍ନରେ ହୋଇଥିବା କାଳବୈଶାଖୀ ପ୍ରଭାବରେ ଗୋଟିଏ ଗଛ ଉପୁଡ଼ି ପଡ଼ି ରାସ୍ତା ଅବରୋଧ ହୋଇଥିଲା। ରାସ୍ତାରେ ଗଛ ପଡ଼ି ରହିଥିବାରୁ ୨ ପାର୍ଶ୍ୱରେ ବହୁ ଯାନ ଅଟକି ରହିଥିଲା। ସ୍ଥାନୀୟ ଲୋକେ ଡାଳ କାଟି ଅଧାରାସ୍ତା ସଫା କରିବାରୁ ଗମନାଗମନ ସ୍ଥିତିରେ ସୁଧାର ଆସିଥିଲା। ଏହାମଧ୍ୟରେ ୩ଦିନ ବିତିଯାଇଥିଲେ ମଧ୍ୟ ସେହି ଗଛ ସେମିତି ରାସ୍ତାରେ ପଡ଼ିରହିଛି। ଧାମନଗର ବନ ବିଭାଗ କର୍ମଚାରୀଙ୍କ ଠୁ ଆରମ୍ଭ କରି ଅଗ୍ନିଶମ ବାହିନୀ କେହି ସେଠାରେ ପହଞ୍ଚି ନାହାନ୍ତି। ଫଳରେ ରାତି ବେଳା ଏହି ସ୍ଥାନ ଦୁର୍ଘଟଣା ଜୋନ୍ ପାଲଟିଛି। ସୋମବାର ଏହି ରାସ୍ତା ଦେଇ ଶତାଧିକ ଯାନ ଆଖଣ୍ଡଳମଣି ପୀଠ ଆରଡ଼ିକୁ ଯାଉଥିଲେ ବି ଗଛ ପଡ଼ିଥିବା ଯୋଗୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। କେବଳ ସେହି ସ୍ଥାନ ନୁହେଁ, ଦୋହରାପାଟଣାରୁ ଆରଡ଼ି ମଧ୍ୟରେ ୬ଟି ସ୍ଥାନରେ ଏବଂ ମଠଡିହରୁ ବୋଡ଼କ ମଧ୍ୟରେ ୩ଟି ସ୍ଥାନରେ ରାସ୍ତାରେ ଗଛଗୁଡ଼ିକ ଭାଙ୍ଗିପଡ଼ିଥିଲା। ସ୍ଥାନୀୟ ଅଞ୍ଚଳର ଲୋକେ ବ୍ୟକ୍ତିଗତ ଖର୍ଚ୍ଚରେ ଗଛ କାଟି ରାସ୍ତା ସଫା କରିଦେଇଥିଲେ। କେବଳ ଏହି ସ୍ଥାନରେ ଗଛଟି ପଡ଼ିରହିଛି। ତୁରନ୍ତ ଏହି ସ୍ଥାନରୁ ଗଛ କାଟି ରାସ୍ତା ସଫା କରାଯିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



ଏନ୍ଏଚ୍-୨୦ କୁଳେଇପଦା ଛକ ନିକଟରେ ଉପୁଡ଼ିଥିବା ଗଛ ପଡ଼ିରହିଛି।

# ବୈଦିକ ଯଜ୍ଞ ସତ୍ସଙ୍ଗ ସମିତିର ବାର୍ଷିକୋତ୍ସବ ଉଦ୍ଯାପିତ

ଧାମନଗର,୬।୪(ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ବ୍ଲକ ଦୋବଲ କାଳୀବଜାରସ୍ଥିତ ବୈଦିକ ଯଜ୍ଞ ସତ୍ସଙ୍ଗ ସମିତିର ୩୯ତମ ବାର୍ଷିକୋତ୍ସବ ୩ଦିନ ବ୍ୟାପୀ ଅନୁଷ୍ଠିତ ହୋଇ ଗୁରୁବାର ଶେଷ ହୋଇଛି। ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ ଓମ ଧ୍ୱଜା ଉତ୍ତୋଳନ କରିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଆୟୋଜିତ ବେଦପରାୟଣ ଯଜ୍ଞରେ ପଣ୍ଡିତ ନକୁଳଦେବ ଶାସ୍ତ୍ରୀ ଓ ସୁଧାକର ଶାସ୍ତ୍ରୀ ପରିଚାଳନା କରିଥିଲେ। ପରେ ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ, ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା, ସ୍ୱାମୀ ଦେବାନନ୍ଦ ସରସ୍ୱତୀ, ପଣ୍ଡିତ ଜଗବନ୍ଧୁ ଶାସ୍ତ୍ରୀ, ପଣ୍ଡିତ ବ୍ରଜବନ୍ଧୁ ଆର୍ଯ୍ୟ ପ୍ରମୁଖ ପ୍ରବଚନ ଦେଇଥିଲେ। ସମିତି ସଭାପତି କୃତିବାସ ତ୍ରିପାଠୀ, ସମ୍ପାଦକ ପ୍ରମୋଦ ନାୟକ, ପ୍ରଭାତ ସାମଲ, ଘନଶ୍ୟାମ ଥାଟୋଇ, ପ୍ରିୟରଞ୍ଜନ ସାମଲ, କମଳାକାନ୍ତ ଦାସ, ଜ୍ଞାନରଞ୍ଜନ କର ପ୍ରମୁଖ ପରିଚାଳନା କରିଥିଲେ।

# ମିଳିତ ଜନଶୁଣାଣି: ଆସିଲା ୧୭୧ ଅଭିଯୋଗ

ଭଦ୍ରକ,୬।୪(ସନାତନ ରାଉତ)

ଭଦ୍ରକ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସୋମବାର ପୂର୍ବାହ୍ନ ୧୦ଟାରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏ ଓ ଏସ୍ପି ମନୋଜ ରାଉତ ଯୋଗଦେଇ ଅଭିଯୋଗ ଶୁଣିଥିଲେ। ମୋଟ ୧୭୧ଟି ଅଭିଯୋଗ ଶିବିରକୁ ଆସିଥିଲା। ସେଥିମଧ୍ୟରୁ ୧୨୫ଟି ବ୍ୟକ୍ତିଗତ, ୩୮ଟି ସାମୂହିକ, ୪ଟି ରେଡ୍କ୍ରସ ଓ ୪ଟି ମୁଖ୍ୟମନ୍ତ୍ରୀ ସହାୟତା ସମ୍ପର୍କିତ ଅଭିଯୋଗ ଥିଲା। ୪୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ରାଶନ କାର୍ଡରେ ନାମ ସଂଯୋଗ କରିବା, ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା, ଜଳ ନିଷ୍କାସନ, ଉଚ୍ଛେଦ ଦୋକାନୀଙ୍କୁ ଥଇଥାନ ଆଦି ମୁଖ୍ୟ ଅଭିଯୋଗ ରହିଥିଲା। ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ଓ ଜିଲା ରେଡ୍କ୍ରସ ପକ୍ଷରୁ ୮ଜଣ ଆବେଦନକାରୀଙ୍କୁ ମୋଟ ୩୩ ହଜାର ଟଙ୍କା ପ୍ରଦାନ ପାଇଁ ମଞ୍ଜୁର କରାଯାଇଛି। ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରମୋଦ ପ୍ରହରାଜ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ।



ଶିବିରରେ ଲୋକେ ଅଧିକାରୀଙ୍କୁ ଅଭିଯୋଗ ଜଣାଉଛନ୍ତି।

# ସଫାହେଲା କାନ୍ତକବିଙ୍କ ସ୍ମୃତିମନ୍ଦିର, ସମାଧିସ୍ଥଳ

## ଓଡ଼ିଆ ପକ୍ଷ ପାଳନ

ତିହିଡ଼ି,୬।୪(ସଞ୍ଜିତ ବଳ)

ତିହିଡ଼ି ବ୍ଲକର ତାଳପଦା ଗ୍ରାମସ୍ଥିତ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପୀଠରେ ସୋମବାର ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ପକ୍ଷ ପାଳନର ୬ଷ୍ଠ ଦିନରେ କାନ୍ତକବିଙ୍କ ସ୍ମୃତି ମନ୍ଦିର ପରିସର ଓ ସମାଧିସ୍ଥଳକୁ ସଫା କରାଯାଇଛି। ସକାଳ ୯ଟାରେ କାର୍ଯ୍ୟକ୍ରମ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟାରେ ଶେଷ ହୋଇଥିଲା। ବିଡିଓ ନିରଞ୍ଜନ ବାରିକ, ଏବିଡିଓ ମୀନକେତନ ବାରିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନୀହାର ରଞ୍ଜନ ରାଉତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ଜୟଶ୍ରୀ ବେହେରା ଓ ନାଏବ ସରପଞ୍ଚ ସସ୍ମିତା ସେଠୀଙ୍କ ନେତୃତ୍ୱରେ ପଞ୍ଚାୟତର ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀର କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ। କନିଷ୍ଠ ଯନ୍ତ୍ରୀ ଭରତ ବିଶ୍ୱାଳ, ଭୀଷ୍ମଦେବ ଶତପଥୀ, ସୂର୍ଯ୍ୟକାନ୍ତ ନନ୍ଦ, ଡବ୍ଲ୍ୟୁଇଓ ସୌମ୍ୟା ସୁଚରିତା ମହାନ୍ତି, ଜୀବିକା ମିଶନ ବିପିଏମ୍ ରଶ୍ମିତା ନାୟକ, ସୁଧାଂଶୁ ନାୟକ, ଦୁର୍ଗାବତୀ ମଲିକ ପ୍ରମୁଖ ଯୋଗ ଦେଇଥିଲେ।




କାନ୍ତକବିଙ୍କ ପୀଠରେ ସ୍ୱଚ୍ଛତା ଅଭିଯାନ।

# ଭାଜପାର ପ୍ରତିଷ୍ଠା ଦିବସ

ଚାନ୍ଦବାଲି/ ଆଗରପଡ଼ା,୬।୪
(କିଷାନ ପାତ୍ର/ ସୁଶାନ୍ତ ଦାସ)

ଚାନ୍ଦବାଲି ଏନ୍ଏସି ଅଧୀନ ଭାଜପା କାର୍ଯ୍ୟାଳୟରେ ସୋମବାର ୪୭ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଏନ୍ଏସି ମଣ୍ଡଳ ସଭାପତି ବିକାଶ କୁମାର ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ସାଧାରଣ ସମ୍ପାଦକ କମଳାକାନ୍ତ ସୂତାର ଯୋଗଦେଇ ଭାଜପା ପତାକା ଉତ୍ତୋଳନ କରିଥିଲେ। ଶଶିକାନ୍ତ ଦାସ, ପାରିଷଦ ଶୀତ ମହାଲିକ, ଅଭୟ ସାମଲ, ଦେବାଶିଷ ନାୟକ, ବିଲାସ ରଞ୍ଜନ ନାୟକ, ସ୍ମୃତିରଞ୍ଜନ ନାୟକ, ସନ୍ତୋଷ ବାରିକ, ସସ୍ମିତା ଦାସଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ଆଗରପଡ଼ା ମୁଖ୍ୟ ବଜାର ନିକଟରେ ସକାଳେ ମହତାବ ମଣ୍ଡଳ ସଭାପତି ଅମୂଲ୍ୟ ନନ୍ଦଙ୍କ ନେତୃତ୍ୱରେ ଭାଜପାର ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା। ପ୍ରଥମେ ଭାଜପାର ପତାକା ଉତ୍ତୋଳନ କରାଯାଇଥିଲା। ନେତୃବୃନ୍ଦ ଦଳର ଗଠନ, ଚିନ୍ତାଧାରା, କାର୍ଯ୍ୟଶୈଳୀ, ଦେଶପ୍ରତି ଦାୟିତ୍ୱବୋଧ ବିଷୟରେ ଅଭିଭାଷଣ ରଖିଥିଲେ। ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ସମିତିସଭ୍ୟ ନିର୍ମଳ ବେହେରା, ବରିଷ୍ଠ ନେତା ପ୍ରଫୁଲ୍ଲ ସିଂହ, ତପନ ସିଂହ, ଅଶୋକ ପରିଡ଼ା, ଗୋପାଳକୃଷ୍ଣ ଦାଶ, ସପନ ସିଂହ, ବସନ୍ତ ପତି, ଚିନ୍ମୟ ମହାପାତ୍ର, ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ।



ଆଗରପଡ଼ା ବଜାରରେ ଭାଜପା ପକ୍ଷରୁ ପତାକା ଉତ୍ତୋଳନ କରାଯାଉଛି।

# ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ଧୁଷୁରୀ,୬।୪(ଦୀପ୍ତିରଞ୍ଜନ ନାୟକ)

ଚାନ୍ଦବାଲି ବ୍ଲକ ଆରଡ଼ିସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ରର ସ୍ଥାୟୀ ସଭାପତି ତ୍ରିଲୋଚନ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଶ୍ରୀକ୍ଷେତ୍ର ପୁରୀ ସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଶମ୍ଭୁନାଥ ମହାଳିକ ଏବଂ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ନିକୁଞ୍ଜ କିଶୋର ଜେନା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଧାମନଗର ଥାନା ଅଧିକାରୀ ଗୋପାଳକୃଷ୍ଣ ଜେନା, ରାଜ୍ୟ ଶିକ୍ଷକ ସଂଘର ଉପସଭାପତି ବବ୍ରୁବାହନ ଭୋଇ, ଅଧ୍ୟାପକ ବିଜୟ କୁମାର ଦାଶ, ଆରଡ଼ି ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକ, ଶିକ୍ଷାକେନ୍ଦ୍ରର ନିର୍ଦ୍ଦେଶକ ଚିତ୍ତରଞ୍ଜନ ମହାନ୍ତି, ବରିଷ୍ଠ ସଭ୍ୟ ସଞ୍ଜୟ ଦାଶ, ସମ୍ପାଦକ ବାବାଜୀ ଶଙ୍କର ପାଢ଼ୀ, ଟ୍ରଷ୍ଟି ଆଶିଷ ପାଢ଼ୀ, ପ୍ରଶାନ୍ତ ପାଢ଼ୀ, ପ୍ରଧାନଆଚାର୍ଯ୍ୟା ରେଣୁବାଳା ସାମଲ ପ୍ରମୁଖ ଯୋଗ ଦେଇଥିଲେ। ବାର୍ଷିକ କ୍ରୀଡ଼ାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷାକେନ୍ଦ୍ରର ସମସ୍ତ ଗୁରୁମା', ଗୁରୁଜୀ, ଶିକ୍ଷା କର୍ମଚାରୀ, ଅଭିଭାବକ ଓ ଛାତ୍ରୀଛାତ୍ର ଉତ୍ସବରେ ଯୋଗ ଦେଇଥିଲେ।

# ଗାନ୍ଧୀ ପଦଯାତ୍ରା ସ୍ମାରକୀ ଉଜ୍ଜୀବିତ ରଖିବାକୁ ଦାବି

## ଫଳକ ସ୍ଥଳରେ ନିର୍ମିତ ହେଉ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି

ତିହିଡ଼ି,୬।୪(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଧୀନ ପୀରହାଟ-ଚାରିବାଟିଆ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଚାଲିଥିବା ଏହି ରାସ୍ତା ନିର୍ମାଣ କାର୍ଯ୍ୟରେ ୮କୋଟି ଟଙ୍କା ବିନିଯୋଗ ହେବ। ୭ କି.ମି.ର ଏହି ରାସ୍ତା ଆରମ୍ଭରେ ଥିବା ଗାନ୍ଧୀମାର୍ଗ ଫଳକ ଭଙ୍ଗାଯିବା ନିଶ୍ଚିତ ହୋଇଛି। ଏହି ପରିପ୍ରେକ୍ଷୀରେ ଫଳକ ସ୍ଥଳରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିବାକୁ ପ୍ରଦେଶ ସେବା ସଙ୍ଗଠନ ଏବଂ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ଏହାଦ୍ୱାରା ଗାନ୍ଧୀ ପଦଯାତ୍ରା ସ୍ମାରକୀ ଉଜ୍ଜୀବିତ ରହିପାରିବ ବୋଲି ସଙ୍ଗଠନର ସମ୍ପାଦିକା ସୁଭଦ୍ରା ଭାରତୀ ସୋମବାର ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି। ସେ ଏ ସମ୍ପର୍କରେ ଶନିବାର ପୂର୍ତ୍ତ ବିଭାଗ ଜିଲା ମୁଖ୍ୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ସେ ଦର୍ଶାଇଛନ୍ତି ଯେ, ୧୯୨୭ ଡିସେମ୍ବର ୧୭ରେ ମହାତ୍ମା ଗାନ୍ଧୀ ପୀରହାଟ -ଚାରିବାଟିଆ ରାସ୍ତାରେ ପଦଯାତ୍ରା କରିଥିଲେ। ଏହି ସ୍ମୃତିକୁ ଉଜ୍ଜୀବିତ ରଖିବାକୁ ସାହାପୁର ପଞ୍ଚାୟତ ଅଧୀନ ଚାରିବାଟିଆଠାରେ ପୂର୍ବତନ ମନ୍ତ୍ରୀ ନେତ୍ରାନନ୍ଦ ମଲିକଙ୍କ ପ୍ରଚେଷ୍ଟାରେ ମନ୍ତେଇ ନଦୀ କୂଳରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିର୍ମିତ ହୋଇଥିଲା। ତେବେ ସେହି ସ୍ଥାନ ଦୀର୍ଘବର୍ଷ ଧରି ଅବହେଳିତ ହୋଇରହିଥିଲା। ଏପରିକି ଗାନ୍ଧୀ ଜୟନ୍ତୀରେ ପ୍ରତିମୂର୍ତ୍ତିରେ ଫୁଲମାଳଟିଏ ବି ପଡୁ ନ ଥିଲା। ପ୍ରଦେଶ ସେବା ସଙ୍ଗଠନ ଉଦ୍ୟମରେ ସେହି ସ୍ଥାନର ଉନ୍ନତି ଘଟିବା ସମ୍ଭବ ହୋଇଛି। ଅପରପକ୍ଷେ ରାସ୍ତା ଆରମ୍ଭରେ ଥିବା ଫଳକ ଜରାଜୀର୍ଣ୍ଣ ହୋଇପଡ଼ିଥିଲା। ୨୦୨୧ ଅକ୍ଟୋବର ୨ରେ ସ୍ମାରକୀ ଫଳକ ମଧ୍ୟ ସଙ୍ଗଠନ ଉଦ୍ୟମରେ ନିର୍ମିତ ହେବା ପରେ ତତ୍କାଳୀନ ବ୍ଲକ ଅଧ୍ୟକ୍ଷା, ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟ ଓ ଅଞ୍ଚଳବାସୀଙ୍କ ଉପସ୍ଥିତିରେ ଏହା ଉନ୍ମୋଚିତ ହୋଇଥିଲା। ତେବେ ଚାରିବାଟିଆଠାରୁ ସେହି ରାସ୍ତାର ଏବେ ନିର୍ମାଣ କାର୍ଯ୍ୟ କରାଯାଉଥିବାରୁ ଫଳକ ଭଙ୍ଗା ହେବା ନିଶ୍ଚିତ ହୋଇଛି। ଏହି ପରିପ୍ରେକ୍ଷୀରେ ରାସ୍ତା ଆରମ୍ଭରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରାଯିବାକୁ ସଙ୍ଗଠନ ପକ୍ଷରୁ ଦାବି ହୋଇଛି। ଏହାଦ୍ୱାରା ଗାନ୍ଧୀ ପଦଯାତ୍ରା ସ୍ମରଣୀୟ ହୋଇ ରହିବ ବୋଲି ସମ୍ପାଦିକା ଭାରତୀ ଦର୍ଶାଇଛନ୍ତି।

# ପୂର୍ବ ଶତ୍ରୁତାରୁ ଆକ୍ରମଣ, ଜଣେ ଗୁରୁତର

## ଅଭିଯୁକ୍ତ ଗିରଫ

ବନ୍ତ,୬।୪(କିଶୋର କୁମାର ସେଠୀ): ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ଟାଇଗୁଣା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ହେଲେ ଗ୍ରାମର ରାଜେନ୍ଦ୍ର ମୁଖୀ। ଏନେଇ ରାଜେନ୍ଦ୍ରଙ୍କ ପୁଅ ବ୍ରଜକିଶୋର ବନ୍ତ ଥାନାରେ ଅଭିଯୋଗ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଏକ ମାମଲା(ନଂ.୧୨୨/୨୬) ରୁଜୁ କରି ମୁଖ୍ୟ ଅଭିଯୁକ୍ତ କୈଳାସ ମୁଖୀଙ୍କୁ ଗିରଫ କରି ସୋମବାର ପୂର୍ବାହ୍ନରେ କୋର୍ଟଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରିଣୀ ଅସ୍ମିତା ପ୍ରଧାନ କହିଛନ୍ତି।

ପ୍ରକାଶ ଯେ, ଗତ ଶନିବାର ସନ୍ଧ୍ୟା ପ୍ରାୟ ୭ଟା ୩୦ ବେଳେ କୌଣସି କାରଣକୁ ନେଇ ରାଜେନ୍ଦ୍ରଙ୍କ ସହ ଗ୍ରାମର କୈଳାସଙ୍କର ଝଗଡ଼ା ହୋଇଥିଲା। ଗ୍ରାମବାସୀଙ୍କ ହସ୍ତକ୍ଷେପ ଯୋଗୁ ବିବାଦର ସମାଧାନ ହୋଇଥିଲେ ମଧ୍ୟ ପରେ ରାତି ପ୍ରାୟ ୧୧ଟା ବେଳେ କୈଳାସ ଓ ଅନ୍ୟ ଜଣେ ବ୍ୟକ୍ତି ମିଶି ରାଜେନ୍ଦ୍ରଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ତାଙ୍କ ଛାତି ଓ ପିଠିରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ତୁରନ୍ତ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ମୁକୁଳା ପଡ଼ିଛି ବିଦ୍ୟୁତ୍ ଟ୍ରାନ୍ସଫର୍ମର



ରହଣିଆ ପଞ୍ଚାୟତ ବଡ଼ମାଝୀ ସାହି ନିକଟରେ ମୁକୁଳା ପଡ଼ିଥିବା ଟ୍ରାନ୍ସଫର୍ମର।

ଭଣ୍ଡାରିପୋଖରୀ,୬।୪(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ବହୁ ସ୍ଥାନରେ ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଯୋଗୁ ଦୁର୍ଘଟଣା ଘଟୁଛି। ରହଣିଆ ପଞ୍ଚାୟତ ବଡ଼ମାଝୀ ସାହି ନିକଟରେ ଗ୍ରାମର କୀର୍ତ୍ତନ ମଣ୍ଡପ ନିକଟବର୍ତ୍ତୀ ଗ୍ରାମ୍ୟ ଉନ୍ନୟନ ରାସ୍ତା ପାର୍ଶ୍ୱରେ ଦୀର୍ଘବର୍ଷ ହେବ ମୁକୁଳା ଟ୍ରାନ୍ସଫର୍ମର ରହିଛି। ଏହି ଟ୍ରାନ୍ସଫର୍ମର ଦ୍ୱାରା ଦେଢ଼ଶହରୁ ଅଧିକ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଯୋଗାଣ କରାଯାଉଛି। ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ଅତି ବିପଦପୂର୍ଣ୍ଣ ଭାବେ ଟ୍ରାନ୍ସଫର୍ମରକୁ ସଂଯୋଗ ହୋଇଛି। ଏହାବ୍ୟତୀତ ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ସୁରକ୍ଷା ପ୍ରାଚୀର ଏଯାଏ ନିର୍ମାଣ ହୋଇନାହିଁ। ଯେଉଁଥିପାଇଁ କିଛିଦିନ ପୂର୍ବରୁ ଗୋଟିଏ ଗାଈ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲା।

ଟ୍ରାନ୍ସଫର୍ମରକୁ ଲାଗି ରହିଥିବା ରାସ୍ତାରେ ଦୈନିକ ୪/୫ ଖଣ୍ଡ ଗାଁର ଲୋକ ଯାତାୟାତ କରିଥାନ୍ତି। ସ୍କୁଲ, କଲେଜ ଛାତ୍ରୀଛାତ୍ର ମଧ୍ୟ ଯିବାଆସିବା କରନ୍ତି। ଏହାବ୍ୟତୀତ ଛୋଟ ପିଲାମାନେ ଟ୍ରାନ୍ସଫର୍ମରକୁ ଲାଗି ରହିଥିବା ପଡ଼ିଆରେ ଖେଳକୁଦ କରିଥାନ୍ତି। ବିଭାଗର ଖାମଖିଆଲି ନୀତି ଯୋଗୁ କେତେବେଳେ ଯେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। କମ୍ପାନୀର କ୍ଷେତ୍ରୀୟ କର୍ମଚାରୀଙ୍କୁ ଲୋକେ ଏ ବାବଦରେ ଅବଗତ କରିଥିଲେ ସୁଦ୍ଧା ଏହା ଉପରେ କେହି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। କମ୍ପାନୀ ସ୍ମାର୍ଟ ମିଟର ଲଗାଇ ବିଦ୍ୟୁତ୍ ବିଲ୍ ସୁଚାରୁ ରୂପେ ଆଦାୟ କରିବା ସହ ସିଧାସଳଖ ଅଫିସରୁ ଉପଭୋକ୍ତାଙ୍କ ବିଦ୍ୟୁତ୍ ସଂଯୋଗ କାଟି ଦେଉଛନ୍ତି। ନିକଟରେ କାଳବୈଶାଖୀ ଯୋଗୁ ସାଧାରଣ ଉପଭୋକ୍ତାମାନେ ୩/୪ ଦିନ ଅନ୍ଧାରରେ ରହିଥିଲେ। ଉକ୍ତ ସ୍ଥାନଟି ବନ୍ୟାଞ୍ଚଳ ହୋଇଥିବା ବେଳେ ଏଠାରେ ବିପଦମୁକ୍ତ ବିଦ୍ୟୁତ୍ ଭିତ୍ତିଭୂମି ତଥା ଯୋଗାଣ ଆବଶ୍ୟକ। ଏଣୁ ମୁକୁଳା ପଡ଼ିଥିବା ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ତୁରନ୍ତ ସୁରକ୍ଷା ପ୍ରାଚୀର ନିର୍ମାଣ କରାଯିବାକୁ ଗ୍ରାମର ଚିତ୍ତରଞ୍ଜନ ମାଝୀ, କରୁଣାକର ମାଝୀ, ଶମ୍ଭୁନାଥ ମାଝୀ, ଜଗନ୍ନାଥ ମାଝୀ, ନିତ୍ୟାନନ୍ଦ ମାଝୀ, ଘନଶ୍ୟାମ ମାଝୀ, ଦୟାନିଧି ମାଝୀ, ଜୟୀରାମ ମାଝୀ, ଅରବିନ୍ଦ ମାଝୀ ପ୍ରମୁଖ ଭଣ୍ଡାରିପୋଖରୀ କନିଷ୍ଠ ଯନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ। କିନ୍ତୁ ଗୁରୁତ୍ୱ ଦିଆଯାଉ ନ ଥିବା ସେମାନେ ପ୍ରକାଶ କରିଛନ୍ତି। ଅପରପକ୍ଷେ ଏନେଇ ଭଣ୍ଡାରିପୋଖରୀ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସଂଗ୍ରାମ କେଶରୀ ସ୍ୱାଇଁଙ୍କୁ ପଚାରିବାରୁ ସେହି ବିଷୟରେ ଅବଗତ ଅଛନ୍ତି, ତାହାର ପ୍ରତିକାର ପାଇଁ ସେ ବିଭାଗକୁ ଜଣାଇଛନ୍ତି।

# ନ୍ୟାୟ ନ ମିଳିଲେ ସମୂହ ଆତ୍ମହତ୍ୟା ଚେତାବନୀ

ବାରିପଦା,୬।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

- ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ମହିଳା
- ଥାନାଧିକାରୀଙ୍କ ଧମକ ସହି ନ ପାରି ସ୍ୱାମୀ ଆତ୍ମହତ୍ୟା କରିଥିବା ଅଭିଯୋଗ

ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନାର ପୂର୍ବତନ ଆଇଆଇସି ଶରତ ମହାଳିକଙ୍କ କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ଜଣେ ବ୍ୟକ୍ତି ବିଷ ପିଇ ଆତ୍ମହତ୍ୟା କରିବା ଘଟଣାରେ ଅଦ୍ୟାବଧି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ମୃତକଙ୍କ ସ୍ତ୍ରୀ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ବିଭାଗ କେବଳ ଆଇଆଇସିଙ୍କୁ ଥାନାରୁ ବଦଳି କରି ଚୁପ ବସିଛି। ଯାହାକୁ ନେଇ ନ୍ୟାୟ ପାଇଁ ବାପ ଛେଉଣ୍ଡ ଦୁଇ ପୁଅ ସହ ସ୍ତ୍ରୀ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ନ୍ୟାୟ ନ ମିଳିଲେ ସେ ବିଷ ପିଇବା ସହ ତାଙ୍କର ୨ ନାବାଳକ ପୁଅଙ୍କୁ ବିଷଦେଇ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, କରଞ୍ଜିଆ ଥାନା ବାଟ ଗୌଡ଼ଗାଁ ଗ୍ରାମର ଅନାଦି ନାଏକଙ୍କ ଘରୁ ୨୦୨୫ ଡିସେମ୍ବର ୨୫ରେ ୫୯ହଜାର ଟଙ୍କା ଚୋରି ହୋଇଥିଲା। ଉକ୍ତ ଟଙ୍କାକୁ ପୁଷ୍ପାଞ୍ଜଳି ପଣ୍ଡା ଚୋରି କରିଥିବା ନେଇଥିବା ପଡ଼ିଶା ଘରର ଜଣେ ଯୁବକ ଦେଖିଥିଲେ। ଅନାଦି ଓ ତାଙ୍କ ସ୍ତ୍ରୀ ବନ୍ଦନା ଉକ୍ତ ଟଙ୍କା ଆଣିବା ପାଇଁ ଯିବାରୁ ପୁଷ୍ପାଞ୍ଜଳି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ସେମାନଙ୍କୁ ଧକ୍କା ମାରିଥିଲେ। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପୁଷ୍ପାଞ୍ଜଳିଙ୍କ ଘରୁ ୨୪ ହଜାର ୫୦୦ ଟଙ୍କା ଜବତ କରିଥିଲା। ଏ ନେଇ ଉଭୟଙ୍କ ପକ୍ଷରୁ ପୃଥକ ମାମଲା ରୁଜୁ କରାଯାଇଥିଲା। ଅନାଦିଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୪୪୦/୨୫) ଓ ପୁଷ୍ପାଞ୍ଜଳିଙ୍କ ଅଭିଯୋଗ କ୍ରମେ ଅନ୍ୟଏକ ମାମଲା(ନଂ.୪୪୧/୨୫) ରୁଜୁ କରିଥିଲା। ତେବେ ପୁଷ୍ପାଞ୍ଜଳିଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଅନାଦିଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ବିଚାର ବିଭାଗୀୟ ହାଜତରେ ୩୩ଦିନ ରହିବା ପରେ ତାଙ୍କୁ ଜାମିନ ମିଳିଥିଲା। ମାତ୍ର ପୋଲିସ ଅନାଦିଙ୍କ ଅଭିଯୋଗକୁ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଜାମିନରେ ଆସିବା ପରେ ଥାନାଧିକାରୀ ମହାଳିକ ଥାନାକୁ ଡାକି ଅନାଦିଙ୍କୁ ଧମକଚମକ ଦେଇଥିଲେ। ଯାହାକୁ ନେଇ ଅନାଦି ମାନସିକ ଭାରସାମ୍ୟ ହରାଇ ୨୦୨୬ ମାର୍ଚ୍ଚ ୧୮ରେ ବିଷ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ କରଞ୍ଜିଆ, କେନ୍ଦୁଝର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ମାର୍ଚ୍ଚ ୨୧ରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ସମୟରେ କଟକ ଏସ୍‌ସିବି ମେଡିକାଲ ପରିସରରେ ପୋଲିସ ତାଙ୍କର ବୟାନ ରେକର୍ଡ କରିଛି। ତେବେ ଏଭଳି ଏକ ସ୍ପର୍ଶକାତର ଘଟଣାକୁ ନେଇ ସ୍ତ୍ରୀ ବନ୍ଦନା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଓ ପୋଲିସ ମହାନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଘଟଣାରେ କିଛି ଦିନ ପୂର୍ବରୁ ଆଇଆଇସି ମହାଳିକଙ୍କୁ ଥାନାରୁ ବଦଳି କରାଯାଇ ଜିଲା ପୋଲିସ ମୁଖ୍ୟାଳୟରେ ଅବସ୍ଥାପିତ କରାଯାଇଛି। ତେବେ ପୀଡ଼ିତ ପରିବାରକୁ ବିଭିନ୍ନ ପ୍ରକାର ଧମକ ଚମକ ଆସୁଥିବାରୁ ବନ୍ଦନା ନିରୁପାୟ ହୋଇ ଜିଲାପାଳଙ୍କ ନିକଟରେ ଗୁହାରୀ କରିଛନ୍ତି। ପୋଲିସର ଏଭଳି କାର୍ଯ୍ୟକଳାପ ଯୋଗୁ ନୀରିହ ଆଦିବାସୀମାନେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି 'ଜାଗ ମୟୂରଭଞ୍ଜ ଜାଗ'ର ପ୍ରତିଷ୍ଠାତା ଅରୁଣ ବେହେରା ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମଧ୍ୟରେ ଆଲୋଚନା ପରେ ଘଟଣାର ପୁନଃ ତଦନ୍ତ ପାଇଁ କରଞ୍ଜିଆ ଏସ୍‌ଡିପିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି।


ନ୍ୟାୟ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ମହିଳା।

# ଗଞ୍ଜେଇ ସହ ବନ୍ଧୁକ ଜବତ

ମୋରଡ଼ା/ରାସଗୋବିନ୍ଦପୁର,୬।୪ (ସ୍ମାରକ ମାଜୀ/ସତ୍ୟବାଦୀ ପରିଡ଼ା)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ପୋଲିସ ସୋମବାର ଜଣେ ଯୁବକଙ୍କଠାରୁ ଗଞ୍ଜେଇ ସହିତ ବନ୍ଧୁକ ଜବତ କରିଛି। ବେତନାସିଆ ଗ୍ରାମର ସୁଜିତ ବେହେରା ବାଇକ୍‌ରେ ଗଞ୍ଜେଇ ସହିତ ଏକ ବନ୍ଧୁକ ନେଇ ଯାଉଥିବା ସମୟରେ ବିଶେଷସୂତ୍ରରୁ ଖବର ପାଇ ପୋଲିସ ଏବଂ ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର କବିତା ଟୁଡୁ ଅମର୍ଦା ଏୟାରଷ୍ଟ୍ରିପ ନିକଟରେ ପହଞ୍ଚି ତାଙ୍କୁ କାବୁ କରିଥିଲେ। ସୁଜିତଙ୍କଠାରୁ ୧୨୯ ଗ୍ରାମ ଗଞ୍ଜେଇ ସହିତ ଏକ ଦେଶୀ ବନ୍ଧୁକ, ତିନୋଟି ଗୁଳି, ମୋବାଇଲ ଓ ବାଇକ୍ ଜବତ କରିଛି ପୋଲିସ। ଏନେଇ ଥାନାରେ ଏକ ମାମଲା(ନଂ.୧୮୩/୨୬) ରୁଜୁ ହୋଇଛି। ତେବେ ଜଣଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ବନ୍ଧୁକ ଓ ଗୁଳି ଦେବା ପାଇଁ ଯାଉଥିଲେ ବୋଲି ସୁଜିତ ସ୍ୱୀକାର କରିଥିବା ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ସୂଚନା ଦେଇଛନ୍ତି।


ଜବତ ବନ୍ଧୁକ, ଗୁଳି ଓ ମୋବାଇଲ।

# ନୁହାମାଳିଆ ଗାଁରେ ହରିନାମ ସଂକୀର୍ତ୍ତନ

ଝାରପୋଖରିଆ,୬।୪(ସୁଧୀର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଭୁରୁଷାଣୀ ପଞ୍ଚାୟତ ନୁହାମାଳିଆ ଗ୍ରାମରେ ଚୈତନ୍ୟ ମହାପ୍ରଭୁଙ୍କ ଷୋହଳ ପ୍ରହର ହରିନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ନିହାର ରଞ୍ଜନ ନାଏକଙ୍କ ତତ୍ତ୍ୱାବଧାନରେ ଗତ ଶନିବାର ବ୍ରାହ୍ମଣ ଗୋପାଳ ପହାଡ଼ିଙ୍କ ଦ୍ୱାରା ଗ୍ରାମର ହରିମଣ୍ଡପରେ ଘଟ ସ୍ଥାପନା କରାଯାଇ ନାମ ସଙ୍କୀର୍ତ୍ତନର ଆଦ୍ୟବାସ କରାଯାଇଥିଲା। ରବିବାର ବୈଷ୍ଣବ ମହାରାଜ ଶିବଶଙ୍କର ଦାସଙ୍କ ଦ୍ୱାରା ହରିମଣ୍ଡପରେ ରାଧାକୃଷ୍ଣଙ୍କୁ ବିରାଜମାନ କରାଇ ଶ୍ରଦ୍ଧାଳୁଙ୍କ ଗହଣରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ହରିନାମ ସଙ୍କୀର୍ତ୍ତନ ଷୋହଳ ପ୍ରହରର ନାମାରମ୍ଭ କରାଯାଇଥିଲା। ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ତଥା ରାଜ୍ୟର ସୁନାମଧନ୍ୟ ବଛାବଛା ୫ଟି ସଙ୍କୀର୍ତ୍ତନ ମଣ୍ଡଳୀକୁ ନେଇ ହରିନାମ ଗାନ କରାଯାଇଥିଲା। ହରିନାମ ଶ୍ରବଣ କରିବା ନିମନ୍ତେ ଦୈନନ୍ଦିନ ଆଖପାଖ ଗ୍ରାମର ଶତାଧିକ ମହିଳା ପୁରୁଷ ସମବେତ ହୋଇଥିଲେ। ଭକ୍ତଙ୍କ ନିମନ୍ତେ ଗ୍ରାମବାସୀଙ୍କ ପକ୍ଷରୁ ଅନ୍ନପ୍ରସାଦ ବଣ୍ଟନର ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଗ୍ରାମର ସମସ୍ତ ଯୁବଗୋଷ୍ଠୀ ସହଯୋଗ କରିଥିଲେ।

# କଦଳିଆ ମହାବୀର ମନ୍ଦିର ପ୍ରତିଷ୍ଠା ଉତ୍ସବ

ବୈଶିଙ୍ଗା, ୬।୪ (ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ କଦଳିଆ ମହାବୀର ମନ୍ଦିରର ଊନବିଂଶ ବର୍ଷ ପୂର୍ତ୍ତି ଅବସରରେ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ୩ ଦିନ ଧରି ମନ୍ଦିର ପରିସରରେ ଥିବା ଯଜ୍ଞଶାଳା, ଅନ୍ନପୂର୍ଣ୍ଣା ମଣ୍ଡପ ଓ କଥାଯଜ୍ଞ ମଣ୍ଡପ ଲୋକାରଣ୍ୟ ହୋଇପଡ଼ିଥିଲା। ୩ ଦିନ ବ୍ୟାପି ଘୃତ ଯଜ୍ଞ, ଅନ୍ନ ଯଜ୍ଞ ଓ କଥାଯଜ୍ଞ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶୁକ୍ରବାର ଯଜ୍ଞାଧିବାସ ଓ ଅଙ୍କୁରାରୋପଣ ହେବା ସହ ସନ୍ଧ୍ୟାରେ ଆଚାର୍ଯ୍ୟ ବିଜୟ କୁମାର ବ୍ରହ୍ମଚାରୀଙ୍କ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶନିବାର କଳସଯାତ୍ରା, ସୂର୍ଯ୍ୟ ପୂଜା, ସାମୁହିକ ହନୁମାନ ଚାଳିଶା ପଠନ, ଅନ୍ନ ପ୍ରସାଦ ବିତରଣ କରାଯାଇଥିଲା। ସନ୍ଧ୍ୟାରେ ପୁରୀ ଦିବ୍ୟ ଜୀବନ ସଂଘ ସଭାପତି ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର ଓ ଶ୍ରୀଜଗନ୍ନାଥ ଚେତନା ସମିତିର ଅଧକ୍ଷା ଆଚାର୍ଯ୍ୟା ଅନ୍ନପୂର୍ଣ୍ଣା ଦେବୀଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେହିଭଳି ରବିବାର ଯଜ୍ଞ ପୂର୍ଣ୍ଣାହୁତି, ସାମୁହିକ ଅନ୍ନ ପ୍ରସାଦ ସେବନ ସହ ସନ୍ଧ୍ୟାରେ ଡ. ପ୍ରଭାତ ରଞ୍ଜନ ମହାପାତ୍ର, ଆଚାର୍ଯ୍ୟା ଅନ୍ନପୂର୍ଣ୍ଣା ଦେବୀ ଓ ରାଜ୍ୟ ବ୍ରାହ୍ମଣ ମହାସଂଘ ସଭାପତି ଡ. ସଦାନନ୍ଦ ଦୀକ୍ଷିତଙ୍କ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମଗ୍ର କାର୍ଯ୍ୟକ୍ରମର ମାର୍ଗଦର୍ଶକ ଥିଲେ ଜଗନ୍ନାଥ ଆଚାର୍ଯ୍ୟ, ଅମୂଲ୍ୟ ପାଣିଗ୍ରାହୀ ଓ ପୁରୀ ସଂସ୍କୃତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଡ. ଜଗବନ୍ଧୁ ମିଶ୍ର।

# ଓଡ଼ିଶା ଡିଜିଟାଲ ମିଡିଆ ମହାସଂଘର ବୈଠକ



ବୈଠକରେ ଉପସ୍ଥିତ ଅତିଥିମାନେ।

ବାରିପଦା, ୬।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ଜୁବୁଲି ଲାଇବ୍ରେରୀ ସମ୍ମିଳନୀ କକ୍ଷରେ ଓଡ଼ିଶା ଡିଜିଟାଲ ମିଡିଆ ମହାସଂଘ ମୟୂରଭଞ୍ଜ ଶାଖାର ପ୍ରଥମ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲା ସଭାପତି ସୁଭାଶିଷ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ଅଜୟ କୁମାର ନାୟକ ଏକ ବର୍ଷ ମଧ୍ୟରେ ସଂଘର କାର୍ଯ୍ୟକଳାପ ଉପରେ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ସୋମନାଥ ସିଂହ ଯୋଗଦେଇ ରାଷ୍ଟ୍ର ଗଠନରେ ମିଡିଆର ଭୂମିକା ଉପରେ ଆଲୋକପାତ କରିବା ସହ ଜଣେ ନିର୍ଭୀକ ଓ ସଚ୍ଚୋଟ ଖବରଦାତା ଭାବେ ଗରିବ ନିଃସହାୟଙ୍କ ସ୍ୱରକୁ ସରକାରଙ୍କ ଆଗରେ ଉତ୍ଥାପନ କରି ସେମାନଙ୍କର ସମସ୍ୟାର ସମାଧାନ ପାଇଁ ପ୍ରଚେଷ୍ଟା ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ ଉପାଧ୍ୟକ୍ଷ ଦେବାଶିଷ ଶତପଥୀ ସାମ୍ବାଦିକମାନଙ୍କର ସୁରକ୍ଷା ସହ ସମସ୍ତ ସରକାରୀ ସୁବିଧା ସୁଯୋଗ ପାଇବାପାଇଁ ରାଜ୍ୟ ସଂଘ ସଂଗ୍ରାମ ଜାରି ରଖିଛି ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଶାନ୍ତ କୁମାର ଆଚାର୍ଯ୍ୟ, ହେଲପିଂ ହ୍ୟାଣ୍ଡ ସେବା ସଂସ୍ଥାର ପ୍ରତିଷ୍ଠାତା ଅଶୋକ କୁମାର ବେହେରା ତଥା ରାଜ୍ୟ କାଉନସିଲ ସଭ୍ୟ ଜିତେନ୍ଦ୍ର ରାଜ ଓ ଜିଲା କାର୍ଯ୍ୟକାରିଣୀ ସଭ୍ୟ ଦିନେଶ ସାହୁ ପ୍ରମୁଖ ଉପସ୍ଥିତ ରହି ସାମ୍ବାଦିକମାନେ ସଂଘବଦ୍ଧ ହୋଇ କାର୍ଯ୍ୟକଲେ ନିର୍ଭୀକ ଭାବରେ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବାରେ ସହାୟକ ହୋଇପାରିବେ ବୋଲି ମତପୋଷଣ କରିଥିଲେ। ମୋନାଲିସା ସାହୁ, ଶିବାନନ୍ଦ ବାଗ, ଅଜିତ କୁମାର ମହାରଣା ଓ ଶଶିକାନ୍ତ ବାରିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବୈଠକରେ ଜିଲାର ବିଭିନ୍ନ ବ୍ଲକରୁ ୩୦ରୁ ଅଧିକ ଖବରଦାତା ଯୋଗ ଦେଇଥିଲେ।

# ଜେଏମ୍‌ଏମ୍‌ର ପଥପ୍ରାନ୍ତ ସଭା

ମୋରଡ଼ା,୬।୪(ସ୍ମାରକ ମାଜୀ)

୨ ଦଫା ଦାବ ନେଇ ୨୧ ଦିନ ଧାରଣାରେ ବସିବା ପରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମ୍‌ଏମ୍)ର ଜିଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ମୋରଡ଼ା ବ୍ଲକ୍ ଅଧୀନ ଚିତ୍ରଡ଼ା ବଜାର, ଶୀର୍ଷାପାଳ ଛକ ଓ ଜଗନ୍ନାଥ ମନ୍ଦିର ନିକଟରେ ଦଳୀୟ କର୍ମୀମାନଙ୍କୁ ନେଇ ସୋମବାର ସନ୍ଧ୍ୟାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଛି। ଦୀର୍ଘ ଦିନ ଧରି ଧାରଣା ଦିଆଯାଇଥିଲେ ମଧ୍ୟ ପ୍ରଶାସନ ଲୋକଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଦାବି ପୂରଣ ନ କରିବାକୁ ନେଇ ସଭାପତି ଦାସ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ବର୍ତ୍ତମାନର ମୋରଡ଼ା ବିଧାୟକ ତଥା ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମନ୍ତ୍ରୀ ପଦ ପାଇବା ପରେ ସୁନାର ମୋରଡା ନିର୍ବାଚନ ମଣ୍ଡଳୀ ଗଠନ ହେବ ବୋଲି ଅଞ୍ଚଳବାସୀ ଯେଉଁ ଆଶା ରଖିଥିଲେ ବର୍ତ୍ତମାନ ତାହା ଓଲଟା ହେବାକୁ ଯାଉଛି ବୋଲି କହିଥିଲେ। ସେହିପରି ମନ୍ତ୍ରୀ ମହାପାତ୍ର କେବଳ କାର୍ଯ୍ୟକ୍ରମଗୁଡ଼ିକରେ ଫିତା କାଟିବାରେ ବ୍ୟସ୍ତ ବୋଲି କହିଥିଲେ ଦାସ। ଅଞ୍ଚଳରେ ସ୍ୱାସ୍ଥ୍ୟ, ଶିକ୍ଷା ଓ ଗମନାଗମନ କ୍ଷେତ୍ରରେ ସୁଧାର ଆଣିବାକୁ ଦାବି କରିବା ସହ ଅଞ୍ଚଳର ଉନ୍ନତି ପାଇଁ ଜେଏମ୍‌ଏମ୍ ଆନ୍ଦୋଳନ ଜାରି ରଖିବ ଏବଂ ଏଥିରେ ଅଞ୍ଚଳବାସୀଙ୍କ ସହଯୋଗ କରିବାକୁ ଦାସ ଆହ୍ୱାନ ଦେଇଥିଲେ।


ପଥପ୍ରାନ୍ତ ସଭାରେ ଜେଏମ୍‌ଏମ୍ କାର୍ଯ୍ୟକର୍ତ୍ତା ଓ କର୍ମୀମାନେ।

# ୨୭୬ ଅଭିଯୋଗର ହେଲା ଶୁଣାଣି

ବାରିପଦା,୬।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ସଦର ମହକୁମା ବାରିପଦାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ ଓ ଈଶ୍ୱର ଚନ୍ଦ୍ର ନାଏକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କିଶୋର କୁମାର ଆଚାର୍ଯ୍ୟ, ବାରିପଦା ଉପ ଜିଲାପାଳ କସ୍ତୁରୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବାରିପଦା ଉପଖଣ୍ଡର ସର୍ବମୋଟ ୨୭୬ଟି ଅଭିଯୋଗର ଶୁଣାଣି କରାଯାଇଛି। ଏଥିରେ ୨୨୯ଟି ବ୍ୟକ୍ତିଗତ ସମସ୍ୟା ଆଧାରିତ ଥିବାବେଳେ ୪୭ଟି ସାମୁହିକ ସମସ୍ୟା ସମ୍ବଳିତ ଅଭିଯୋଗ ହୋଇଛି। ତନ୍ମଧ୍ୟରୁ ୧୩ଟି ଅଭିଯୋଗର ସମାଧାନ ତତ୍‌କ୍ଷଣାତ କରାଯାଇଛି। ଏହାସହ ୮ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଓ ୫ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ।


ଅଧିକାରୀମାନେ ଅଭିଯୋଗ ଶୁଣାଣି କରୁଛନ୍ତି।

# ରାଶନ ସାମଗ୍ରୀ ନେଇ ଜିଲାପାଳଙ୍କୁ ଦାବିପତ୍ର

ଗୋପବନ୍ଧୁ ନଗର,୬।୪ (ଶାନ୍ତନୁ କୁମାର ମହୁଆଳ)

ଗୋପବନ୍ଧୁ ନଗର ବ୍ଲକ ସାଇଁକୁଲା ପଞ୍ଚାୟତ କାଳିଆପଦା ରାଜସ୍ୱ ଗ୍ରାମରେ ପୂର୍ବଭଳି ରାଶନ ସାମଗ୍ରୀ ବଣ୍ଟନ କରିବାକୁ ଜିଲାପାଳଙ୍କ ଠାରେ ଦାବି କରିଛନ୍ତି ୪ ଗ୍ରାମର ଲୋକେ। ସାଇଁକୁଲା ପଞ୍ଚାୟତ କାର୍ଯ୍ୟାଳୟଠାରୁ ସିରାଥଳି, କାଳିଆପଦା, ପହଁରାଡୁବା ଓ ଭଙ୍ଗାଚଟୁ ଆଦି ୪ଟି ଗ୍ରାମର ଦୂରତ୍ୱ ୩ରୁ ୪ କି.ମି. ହେବ। ତେବେ ଜନସାଧାରଣଙ୍କ ସ୍ୱାର୍ଥ ଓ ସୁବିଧା ଦୃଷ୍ଟିରୁ ୨୦୨୧ରେ ତତ୍‌କାଳୀନ ବିଡିଓଙ୍କ ନିର୍ଦ୍ଦେଶ କ୍ରମେ କାଳିଆପଦା ଗ୍ରାମରୁ ୪ଟି ଗ୍ରାମର ଲୋକେ ରାଶନ ସାମଗ୍ରୀ ପାଉଥିଲେ। ମାତ୍ର କିଛି ବର୍ଷ ହେବ ଉକ୍ତ ରାଶନ କେନ୍ଦ୍ରକୁ ବନ୍ଦ କରି ଦିଆଯିବା ଯୋଗୁ ବୃଦ୍ଧ, ମହିଳା, ଶ୍ରମଜୀବିମାନଙ୍କୁ ନାନା ହଇରାଣ ହେବାକୁ ପଡୁଛି। ଉକ୍ତ ୪ ଟି ଗ୍ରାମରେ ୯୫ ପ୍ରତିଶତ ଆଦିବାସୀ ସଂପ୍ରଦାୟର ଲୋକେ ବସବାସ କରନ୍ତି। ସମସ୍ତେ ଖଟିଖିଆ। ରାଶନ ଆଣିବାକୁ ହେଲେ ସକାଳେ ଯାଇ ସନ୍ଧ୍ୟାରେ ଫେରନ୍ତି। ଫଳରେ ଗୋଟିଏ ଦିନ କାମ ପାଇଟି ବନ୍ଦ କରିବାକୁ ପଡ଼ିଥାଏ। ଏଣୁ ୨ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ପାଇଁ ପୂର୍ବ ଭଳି କାଳିଆପଦାଠାରେ ରାଶନ କେନ୍ଦ୍ର ଖୋଲିବାକୁ ସ୍ଥାନୀୟ ଅଞ୍ଚଳର ଲୋକେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାବିପତ୍ର ପ୍ରଦାନ କରିଛନ୍ତି।

# ବଜ୍ରପାତରେ ବାଳକ ମୃତ

ମୋରଡ଼ା/ରାସଗୋବିନ୍ଦପୁର,୬।୪ (ସ୍ମାରକ ମାଜୀ/ସତ୍ୟବାଦୀ ପରିଡ଼ା)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଞ୍ଚଳରେ ବଜ୍ରପାତରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଥାନା ଅଧୀନ ଛାତନା ପଞ୍ଚାୟତ ପଳାସବଧା ଗ୍ରାମର ରକି ଟୁଡୁ(୫)। ରକିଙ୍କ ମାମୁଁ କାନ୍ଦ୍ରା ମୁର୍ମୁଙ୍କ କହିବା ମୁତାବକ, ସୋମବାର ଅପରାହ୍ନ ୪ଟା ସମୟରେ ରକି ଘର ବାରଣ୍ଡାରେ ଖେଳୁଥିବା ସମୟରେ ବଜ୍ରପାତରେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ବାରମାଇଲସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ରକିଙ୍କ ପରିବାର ଲୋକଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

# ଜାତି ପ୍ରମାଣପତ୍ର ପ୍ରଦାନରେ ବିଳମ୍ବ

ବାରିପଦା,୬।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

**ଜିଲାପାଳଙ୍କ ଦ୍ୱାରସ୍ଥ ହେଲା ଆଦିବାସୀ ବିନ୍ଧାଣି ଲୋହରା ସମ୍ପ୍ରଦାୟ**

ମୟୂରଭଞ୍ଜ ଜିଲାରେ ବସବାସ କରୁଥିବା ଆଦିବାସୀ ବିନ୍ଧାଣି ଓ ଲୋହରା ସମ୍ପ୍ରଦାୟର ଲୋକଙ୍କୁ ଜାତି ପ୍ରମାଣପତ୍ର ପ୍ରଦାନ କ୍ଷେତ୍ରରେ ବିଳମ୍ବ କରାଯାଉଥିବା ଅଭିଯୋଗ ହୋଇଛି। ଏହି ସମସ୍ୟାର ସମାଧାନ ପାଇଁ 'ଅଲ ଓଡ଼ିଶା ଆଦିବାସୀ ବିନ୍ଧାଣି, ଲୋହରା କମ୍ୟୁନିଟି ୱେଲଫେୟାର ଆସୋସିଏସନ' ପକ୍ଷରୁ ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସୟଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଆସୋସିଏସନର ଜିଲା ସଭାପତି ସଚିନ୍ଦ୍ର ନାଥ ମୁଦାଲୁହାରୀଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଥିବା ଏହି ଅଭିଯୋଗ ପତ୍ରରେ ଦର୍ଶାଯାଇଛି ଯେ, ଜାତି ପ୍ରମାଣ ତଦନ୍ତ ପାଇଁ ସରକାର ଓ ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି କରିଥିଲେ ସୁଦ୍ଧା ତହସିଲ ସ୍ତରରେ ଏହାକୁ କାର୍ଯ୍ୟକାରୀ କରାଯାଉନାହିଁ। ବିଶେଷ କରି ରାଜସ୍ୱ ନିରୀକ୍ଷକ ଓ କ୍ଷେତ୍ର ଅଧିକାରୀମାନେ ଠିକ୍ ଭାବେ କ୍ଷେତ୍ର ପରିଦର୍ଶନ କରୁନାହାନ୍ତି। ୨୦୨୩ର ନୂତନ ଗାଇଡଲାଇନ ଅନୁଯାୟୀ ଯେଉଁ ଚେକଲିଷ୍ଟ ଆଧାରରେ ତଦନ୍ତ ହେବା କଥା ତାହାକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି। ପାରିବାରିକ ପୃଷ୍ଠଭୂମି, ପାରମ୍ପରିକ ପେଶା, ଭାଷା ଓ ରୀତିନୀତିକୁ ଆଧାର କରି ଜାତି ପ୍ରମାଣ ପତ୍ର ପ୍ରଦାନ କରାଯାଉ, ସମସ୍ତ ତହସିଲଦାର ଓ ରାଜସ୍ୱ ନିରୀକ୍ଷକଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତଦନ୍ତ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଉ, ଯେଉଁ ଅଧିକାରୀମାନେ ସରକାରୀ ନିର୍ଦ୍ଦେଶକୁ ଅବମାନନା କରୁଛନ୍ତି ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସଂଘ ଦାବି କରିଛି। ସରକାରୀ ସ୍ତରରେ ଠିକ୍ ତଦନ୍ତ ହେଉ ନ ଥିବାରୁ ପ୍ରକୃତ ଆଦିବାସୀ ଶ୍ରେଣୀର ଲୋକମାନେ ନିଜର ସାମ୍ବିଧାନିକ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି । ଯଦି ଆଗାମୀ ଦିନରେ ଏହି ସମସ୍ୟାର ସମାଧାନ ନ ହୁଏ ତେବେ ସମ୍ପ୍ରଦାୟ ପକ୍ଷରୁ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ମୟୂରଭଞ୍ଜରେ ସ୍ୱଚ୍ଛତା ଅଭିଯାନ

ବାରିପଦା, ୬।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଓଡ଼ିଆ ପକ୍ଷ-୨୦୨୬ ପାଳନ ଅବସରରେ ମୟୂରଭଞ୍ଜ ଜିଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ, ମନ୍ଦିର ଏବଂ ହାଟବଜାର ଅଞ୍ଚଳଗୁଡ଼ିକରେ ସ୍ୱଚ୍ଛତା ଅଭିଯାନ ବ୍ୟାପକ ଭାବେ ଆୟୋଜିତ ହୋଇଛି। ଏହି ଅଭିଯାନ ମାଧ୍ୟମରେ ସାଧାରଣ ଲୋକମାନଙ୍କ ପାଇଁ ପରିଷ୍କାର ପରିଚ୍ଛନ୍ନତା, ସ୍ୱାସ୍ଥ୍ୟ ସଚେତନତା ଓ ପରିବେଶ ସୁରକ୍ଷା ପ୍ରତି ସଚେତନତା କରାଯାଇଛି। ବିଶେଷକରି ସାଧାରଣ ଲୋକଙ୍କ ଆଗମନ ଥିବା ସ୍ଥାନଗୁଡ଼ିକୁ ପରିଷ୍କାର ଓ ସୁନ୍ଦର ରଖିବା ଉପରେ ଏହି କାର୍ଯ୍ୟକ୍ରମରେ ଜୋର ଦିଆଯାଇଥିଲା। ଏହି ସ୍ୱଚ୍ଛତା ଅଭିଯାନ ଜିଲାର ବିଭିନ୍ନ ବ୍ଲକରେ ଭିନ୍ନ ଭିନ୍ନ ଭାବରେ ଆୟୋଜନ କରାଯାଇଥିଲା। ଏଥିରେ ସଂପୃକ୍ତ ବ୍ଲକର ବିଡିଓ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ପଞ୍ଚାୟତିରାଜ ସଦସ୍ୟ, ବ୍ଲକ ଓ ଗ୍ରାମପଞ୍ଚାୟତ ଅଧିକାରୀ, ସ୍ୱୟଂସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ମହିଳାମାନେ ଏବଂ ସ୍ଥାନୀୟ ଜନସାଧାରଣ ଉତ୍ସାହର ସହ ସକ୍ରିୟ ଭାଗ ନେଇଥିଲେ। ସମସ୍ତଙ୍କ ଏକତ୍ର ସହଯୋଗ ଓ ସାମୂହିକ ପ୍ରୟାସ ଏହି ଅଭିଯାନକୁ ସଫଳ କରିଥିଲା।

# ଭଙ୍ଗା ଚାଳିଆରେ ୪ ପରିବାର

ଉଦଳା, ୬।୪ (ସନ୍ତୋଷ କୁମାର ବାଛିନୀ)


ଭଙ୍ଗା ଘର ନିକଟରେ ୪ ପରିବାରର ସଦସ୍ୟମାନେ।

ଘର କହିଲେ ଛିଣ୍ଡା ପଲିଥିନ ଆଉ କୁଟାର ଛାଉଣୀ। କାନ୍ଥ କହିଲେ ଜରିପାଲ। ଦୂରରୁ ଦେଖିଲେ ଗୋରୁ ଗୁହାଳ ଭଳି ଲାଗୁଥିବା ଏହି ୧୮୦ ବର୍ଗଫୁଟ ଘର ଭିତରେ ୪ ପରିବାରର ୧୭ ପ୍ରାଣୀ କୁଟୁମ୍ବ ରହୁଛନ୍ତି। ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ପାଟଶାଣିପୁର ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରପୁର ନେତୃଗଣ୍ଡ ଗ୍ରାମରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି।

ଏହି ଭଙ୍ଗା ଚାଳିଆରେ ଗୁଲାଲ ସିଂ ଏବଂ ତାଙ୍କ ସ୍ତ୍ରୀ ବୁଧୁନିଙ୍କ ସମେତ ବଡ଼ପୁଅ ଗୁରା ସିଂଙ୍କ ସହିତ ୩ ଜଣ, ସାନପୁଅ ଗିରିଶ ସିଂଙ୍କ ସହିତ ୬ ଜଣ, ଝିଅ ମାମା ସିଂଙ୍କ ସହିତ ୨ ଜଣ ଓ ଗୁଲାଲଙ୍କ ଶ୍ୱଶୁରଙ୍କୁ ମିଶାଇ ୧୭ ଜଣ ଜୀବନ ବିତାଉଛନ୍ତି। ଯେଉଁ ଘର ଭିତରେ ଆସବାବପତ୍ର ରହିବା ପରେ ୪ରୁ ଅଧିକ ଜଣ ଶୋଇବା ସମ୍ଭବ ନୁହେଁ, ସେହି ଘର ଭିତରେ ୧୭ ଜଣ ଦୀର୍ଘ ୫ ବର୍ଷରୁ ଅଧିକ ହେବ ଦୟନୀୟ ଅବସ୍ଥାରେ କଳାଲତିପାତ କରୁଛନ୍ତି। କେବଳ ସେତିକି ନୁହେଁ ରୋଷେଇ ମଧ୍ୟ ବାହାରେ କରୁଛନ୍ତି। ଘର ସାମ୍ନାରେ ଥିବା ଆଉ ଏକ ଛୋଟ ଛପର ଘର ପବନରେ ଭାଙ୍ଗି ମାଟିରେ ମିଶି ଯାଇଛି। ଆବାସ ଯୋଜନାରେ ଘର ପାଇଁ ବାରମ୍ବାର ଆବେଦନ କରିଥିଲେ ସୁଦ୍ଧା ଅଦ୍ୟାବଧି ମିଳିପାରିନାହିଁ ବୋଲି କହିଛନ୍ତି ଗୁଲାଲ ଏବଂ ତାଙ୍କ ସ୍ତ୍ରୀ। ବଡ଼ପୁଅ ଗୁରାଙ୍କ ନାମରେ ରାଶନକାର୍ଡ ଥିବା ବେଳେ ଆଉ କେହି ସରକାରୀ ଯୋଜନାରେ ରାଶନ କାର୍ଡ କିମ୍ବା ଅନ୍ୟ କୌଣସି ସହାୟତା ପାଇନାହାନ୍ତି। ୪ ପରିବାରର ମୁଖିଆ ଦିନ ମଜୁରିଆ ଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ଅନ୍ୟ କିଛି ରୋଜଗାର ପନ୍ଥା ସେମାନଙ୍କ ପାଖେ ନାହିଁ। ଦୟନୀୟ ଅବସ୍ଥାରେ ଏହି ୧୭ଜଣ ଜୀବନ ବିତାଉଥିବା ବେଳେ ବର୍ଷା ପବନ ହେଲେ ପଡ଼ୋଶୀଙ୍କ ପିଣ୍ଡାରେ ଜୀବନ ବିତାଇବାକୁ ପଡୁଥିବା କହିଛନ୍ତି ଗୁଲାଲଙ୍କ ଝିଅ ମାମା। ଏ ବାବଦରେ ଉଦଳା ବିଡିଓ ସମରଜିତ କରଙ୍କୁ ପଚାରିବାରୁ ଘଟଣାର ଅନୁସନ୍ଧାନ କରି ତୁରନ୍ତ ସରକାରୀ ଯୋଜନାରେ ଘର ସହିତ ଅନ୍ୟ ସୁବିଧା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

